ବର୍ଷ-୨୪, ସଂଖ୍ୟା-୧୬୦
ଭୁବନେଶ୍ୱର
୦୯ ଜୁଲାଇ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 160
Bhubaneswar
09 July, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଶରଧାବାଳିରେ ତିନି ରଥ



**ପୁରୀ,୮।୭(ମହାଭାରତ):** ରତ୍ନବେଦୀ ଛାଡି ଜନ୍ମବେଦୀ ଅଭିମୁଖେ ଚତୁର୍ଦ୍ଧାମୂର୍ତି । ଆଜି ରଥଟଣାର ଦ୍ୱିତୀୟ ଦିବସରେ ଅପରାହ୍ନ ୩ଟାସୁଦ୍ଧା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଳିରେ ପହଞ୍ଚିଛି । ଘୋଷଯାତ୍ରା ପାଇଁ ବଡଦାଣ୍ଡ ଭକ୍ତମୟ ହୋଇ ଉଠିଛି । ପାଗ ଅନୁକୂଳ ଥିବାରୁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଘଣ୍ଟା ଘଣ୍ଟା, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ କମ୍ପି ଉଠୁଛି । ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରୁଛନ୍ତି ଭକ୍ତ ।

ନବଦିନ ବ୍ୟାପୀ ଯାତ୍ରାର ଦ୍ୱିତୀୟ ଦିବସରେ ଆଜି ସକାଳେ ରଥ ଉପରେ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା । ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ଉତାରୁ ରଥଟଣା ପୁଣି ଆରମ୍ଭ ହୋଇଥିଲା । ଦୁଇ ଦିନିଆ ଏହି ରଥଟଣାର ଗତକାଲି ପ୍ରଥମ ଦିବସରେ ସନ୍ଧ୍ୟା ସୁଦ୍ଧା ସିଂହଦ୍ୱାର ଠାରୁ ମାତ୍ର ଅଳ୍ପ ଦୂର ଯାଇ ଅଟକିଥିଲା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ସେହିପରି ଶ୍ରୀକୃଷ୍ଣ ସିନେମା ହଲ୍ ପାଖରେ ଅଟକି ଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ମରିଚିକୋଟ ଛକରେ ଅଟକି ରହିଥିଲା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ।

ଆଜି ସକାଳ ପ୍ରାୟ ୯ଟା ବେଳେ ପୁଣି ଆରମ୍ଭ ହୋଇ ଯାଇଥିଲା ରଥଟଣା । ରାତି ପାହିଲା ବେଳକୁ ଲୋକାରଣ୍ୟ ହୋଇ ସାରିଥିଲା ଶ୍ରୀକ୍ଷେତ୍ର । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗଡ଼ିଥିଲା । ଏହା ପରେ ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣି ନେଇଥିଲେ ଶ୍ରଦ୍ଧାଳୁ । ଆଉ ଶେଷରେ ଗଡ଼ିଥିଲା କାଳିଆର ନନ୍ଦିଘୋଷ । ଯାହାକୁ ଅପେକ୍ଷା କରି ରହିଥିଲେ ଅଗଣିତ ଜଗନ୍ନାଥ ପ୍ରେମୀ । ଜନ୍ମବେଦି ଅଭିମୁଖେ ତିନି ରଥକୁ ଟାଣି ନେଇଥିଲେ ଭକ୍ତ । ଆଜି ଶୃଙ୍ଖଳିତ ଭାବେ ରଥଟଣା ହୋଇଥିବା ଦେଖାଦେଇଥିଲା । ଅପରାହ୍ଣ ପ୍ରାୟ ୨ଟା ୪୫ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଁଚି ଯାଇଥିଲା ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ । ଶରଧାବାଳିରେ ରଥାରୁଢ଼ ଠାକୁରଙ୍କୁ ଦେଖି ଭକ୍ତିଭାବରେ ଗଦ୍‌ଗଦ୍ ହୋଇ ଉଠିଥିଲେ ଶ୍ରଦ୍ଧାଳୁ । ଏପଟେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଆଗରେ ଗୀତ ଗୋବିନ୍ଦ ଗାଇଥିଲେ ସୂର୍ଯ୍ୟ ନାରାୟଣ ରଥଶର୍ମା ।

ଯାହା ଆଧ୍ୟାତ୍ମିକ ପରିବେଶକୁ ବହୁଗୁଣିତ କରିଥିଲା । ପରେ ରଥ ଉପରେ ଶ୍ରୀଜୀଉଙ୍କ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଛି । ଆସନ୍ତାକାଲି ରଥାରୁଢ଼ ଶ୍ରୀବିଗ୍ରହ ମାନଙ୍କ ସଂଧ୍ୟାଧୂପ ନୀତି ସମ୍ପନ୍ନ ହେବା ପରେ ଆଡ଼ପ ମଣ୍ଡପ ପହଣ୍ଡି ହେବ । ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ଜନ୍ମବେଦୀକୁ ବିଜେ କରିବେ । ଏହାପରେ ଆଡ଼ପ ଦର୍ଶନ ଆରମ୍ଭ ହେବ । ଆଜି ତିନି ରଥକୁ ପୋଲିସ କର୍ଡ଼ନରେ ରଖାଯାଇଛି । ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

# ଆତଙ୍କୀ ସହ ମୁହାଁମୁହିଁରେ ୫ ଯବାନ ସହିଦ

**ଶ୍ରୀନଗର,୮।୭(ମହାଭାରତ):** ଜମ୍ମୁ-କଶ୍ମୀରର କଠୁଆରେ ଆଜି ସେନା ଗାଡ଼ିକୁ ଟାର୍ଗେଟ କରି ହମଲା କରିଛନ୍ତି ଆତଙ୍କବାଦୀ । ଏଥିରେ ୫ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୫ଜଣ ଆହତ ହୋଇଛନ୍ତି । ସୋମବାର ଅପରାହ୍ନରେ କଠୁଆର ମାଛେଡି ଅଞ୍ଚଳରେ ଏପରି ଆକ୍ରମଣ ହୋଇଛି ।

ମିଳିଥିବା ସୂଚନା ଅନୁସାରେ, ସୂଚନା ଅନୁସାରେ ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲା ପଞ୍ଜାବର ପଠାନକୋଟ ଜିଲ୍ଲାକୁ ଲାଗି ରହିଛି । କଠୁଆ ସହରଠାରୁ ୧୫୦ କିଲୋମିଟର ଦୂର ଲୋହାଇ ମଲହାରର ବଡନୋଟା ଗାଁରେ ସେନାର କିଛି ଗାଡ଼ି ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ । ସେନା ଗାଡ଼ିରେ ଯବାନମାନେ ମାଛେଡି-କାଣ୍ଡଲି-ମଲହାର ରୋଡରେ ରୁଟିନ ପ୍ୟାଟ୍ରୋଲିଂ କରୁଥିଲେ । ଏହି ସମୟରେ ନିକଟସ୍ଥ ପାହାଡ଼ ଉପରେ ରହି ଏକାଧିକ ଆତଙ୍କବାଦୀ ଗାଡ଼ି ଉପରକୁ ଗୁଳି ଓ ଗ୍ରେନେଡ ମାଡ଼ି କରିଥିଲେ । ଏଥିରେ ପ୍ରଥମେ ୧୦ ଜଣ ଯବାନ ଆହତ ହୋଇଥିଲେ । ସେମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ୪ ଜଣ ମୃତ୍ୟୁ ହୋଇଥିବାବେଳେ ପରେ ଆଉ ଜଣେ ସହିଦ ହୋଇଛନ୍ତି ।



ଆତଙ୍କବାଦୀଙ୍କ ଆକ୍ରମଣ ପରେ ଅନ୍ୟ ଯବାନମାନେ ପାଲଟା ଆକ୍ରମଣ କରିଥିଲେ ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା କିନ୍ତୁ ନିକଟସ୍ଥ ଜଙ୍ଗଲ ମଧ୍ୟ ଦେଇ ଆତଙ୍କବାଦୀମାନେ ଖସି ଯାଇଥିଲେ । ତଥାପି ସେମାନଙ୍କୁ ଧରିବା ପାଇଁ ଜଙ୍ଗଲ ମଧ୍ୟରେ ସର୍ଚ୍ଚଅପରେସନକୁ ଜୋରଦାର କରାଯାଇଛି ।

ସେହିପରି ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଅପରେସନରେ ସାମିଲ କରାଯାଇଛି । ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ଥର ପାଇଁ ଆତଙ୍କବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି । ଶନିବାର ରାତିରୁ ଜମ୍ମୁ-କଶ୍ମୀରର କୁଲଗାମରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ରବିବାର ସକାଳେ ଯାଏ ଚାଲିଥିବା ଏହି ଏନକାଉଣ୍ଟରରେ ୬ ଜଣ ଆତଙ୍କୀ ନିହତ ହୋଇଥିଲେ । ସେମାନଙ୍କ ମୁକାବିଲା କରି ଜଣେ ପାରା ଟ୍ରୁପରଙ୍କ ସହ ୨ ଜଣ ଯବାନ ସହିଦ ହୋଇଥିଲେ । ଆଉ ଜଣେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏନକାଉଣ୍ଟର ପରେ କୁଲଗାମରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ସେହିପରି ରଜୌରୀରେ ମଧ୍ୟ ଶନିବାର ଏନକାଉଣ୍ଟର ହୋଇଥିଲା ଆଜି କଠୁଆରେ ଆତଙ୍କବାଦୀମାନେ ସେନା ଗାଡ଼ି ଉପରେ ହମଲା କରିଛନ୍ତି । ଗତ କିଛି ଦିନ ତଳେ କୁଲଗାମରେ ହୋଇଥିବା ସେନା-ଆତଙ୍କବାଦୀ ଏନକାଉଣ୍ଟରରେ ୬ ଜଣ ହିଜବୁଲ ଆତଙ୍କବାଦୀ ନିହତ ହୋଇଥିଲେ ଏଥିରେ ଦୁଇ ଜଣ ଯବାନ ସହିଦ ହୋଇଥିଲେ ନିହତ ଆତଙ୍କବାଦୀଙ୍କୁ ସ୍ଥାନୀୟ ଲୋକେ ସାହାଯ୍ୟ କରୁଥିଲେ ବୋଲି ସୁରକ୍ଷା ବାହିନୀ ଦାବି କରିଛି । ଏବେ ଏହାର ମଧ୍ୟ ତଦନ୍ତ ଚାଲିଛି ।

## ନିଟ୍-ୟୁଜି ପେପର ଲିକ୍

# ସିବିଆଇ ଓ କେନ୍ଦ୍ରକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୭(ମହାଭାରତ): ନିଟ୍ ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତାରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ନିଟ୍ ୟୁଜି ପରୀକ୍ଷାରେ ପେପର ଲିକ୍ ହୋଇଥିବା କଥାକୁ ସ୍ୱୀକାର କରିବାକୁ ପଡ଼ି ବୋଲି ସର୍ବୋଚ୍ଚ ଅଦାଲତ ମତ ରଖିଛନ୍ତି । ପରୀକ୍ଷାରେ ଅନିୟମିତତା ହେବା ପରେ ଘଟଣାର ତଦନ୍ତ ସିବିଆଇ ଆରମ୍ଭ କରିଥିଲା । ତେଣୁ ସର୍ବୋଚ୍ଚ ଅଦାଲତ ସିବିଆଇ, ପରୀକ୍ଷା ଆୟୋଜନ କରିଥିବା ଏନଟିଏ ଓ କେନ୍ଦ୍ର ସରକାରଙ୍କୁ ପୂରା ଘଟଣାର ଷ୍ଟାଟସ ରିପୋର୍ଟ ମାଗିଛନ୍ତି ।




୧୦ ଜୁଲାଇ ଅପରାହ୍ନ ୫ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ରିପୋର୍ଟ ଦାଖଲର ଦିନକ ପରେ ଅର୍ଥାତ ଜୁଲାଇ ୧୧ରେ ମାମଲା ପରବର୍ତ୍ତୀ ଶୁଣାଣି ହେବ ।


ପରୀକ୍ଷାରେ ଅନିୟମିତତା ହୋଇଥିବାରୁ ପୁଣି ନିଟ-ୟୁଜି ଆୟୋଜନ ଦାବିରେ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଏର କରାଯାଇଛି । ତେବେ କେନ୍ଦ୍ର ସରକାର ପୁନଃ ପରୀକ୍ଷାକୁ ବିରୋଧ କରିଛନ୍ତି । ଅନିୟମିତତା କିଛି ସ୍ଥାନ ଓ କିଛି ପିଲାଙ୍କ ମଧ୍ୟରେ ସୀମିତ । ତେଣୁ ପୁନଃ ପରୀକ୍ଷା କରି ୨୩ ଲକ୍ଷ ପିଲାଙ୍କୁ ହଇରାଣ କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି । ସର୍ବୋଚ୍ଚ ଅଦାଲତ ମଧ୍ୟ ଆଜି ଶୁଣାଣି ବେଳେ ଏଥିରେ କିଛିଟା ଅଂଶରେ ଏକମତ ହୋଇଛନ୍ତି । ପୁନଃ ପରୀକ୍ଷା ପାଇଁ ଆବେଦନକାରୀ କରୁଥିବା ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, ପ୍ରଶ୍ନପତ୍ର ଲିକ୍ ହେବା ଗୋଟିଏ ସ୍ୱୀକାର ଜନିତ ତଥ୍ୟ । ପେପର ଲିକ ହୋଇଛି ବୋଲି ଆମକୁ ମାନିବାକୁ ପଡ଼ିବ । ତେବେ ପୁନଃ ପରୀକ୍ଷା ଶେଷ ବିକଳ୍ପ । ଏହା ପୂର୍ବରୁ ଲିକ୍ର ସୀମା କେତେ ପର୍ଯ୍ୟନ୍ତ ବ୍ୟାପିଛି, ତା'କୁ ଦେଖିବାକୁ ପଡ଼ିବ । କାରଣ ଏହା ୨୩ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ।

ରିପୋର୍ଟ ପାଇଁ ନିର୍ଦ୍ଦେଶ ଜାରି କରିବା ବେଳେ ସିଜେଆଇ କହିଛନ୍ତି, ସଚ୍ଚୋଟ ଶିକ୍ଷାର୍ଥୀଙ୍କୁ ପେପର ଲିକ୍ ଯୋଗୁ ଫାଇଦା ହାସଲ କରିଥିବା ପିଲାଙ୍କୁ ଅଲଗା କରାଯାଇ ପାରିବ କି ନାହିଁ, ସେକଥା କୋର୍ଟ ପ୍ରଥମେ ଜାଣିବାକୁ ଚାହୁଁଛନ୍ତି । ପରୀକ୍ଷାର ପବିତ୍ରା/ସ୍ୱଚ୍ଛତା ଯେଉଁଠି ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବ ଓ ଫାଇଦା ପାଇଥିବା ପିଲାଙ୍କୁ ଅଲଗା କରାଯାଇ ପାରିବ ନାହିଁ, ତା'ହେଲେ ପୁନଃ ପରୀକ୍ଷା ଜରୁରୀ । ଯଦି ସଚ୍ଚୋଟ ଉପାୟରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଦାଗୀ ପିଲାଙ୍କ ଠାରୁ ଅଲଗା କରାଯାଇ ପାରିବ, ତା'ହେଲେ ରି-ଟେଷ୍ଟର କୌଣସି ଆବଶ୍ୟକ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

# ମୋଦୀ-ପୁଟିନ ସାକ୍ଷାତ

ମସ୍କୋ,୮।୭(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ରୁଷ ଗସ୍ତ କରି ଆଜି ମସ୍କୋରେ ପହଞ୍ଚିଛନ୍ତି । ୟୁକ୍ରେନ ବିରୋଧରେ ଯୁଦ୍ଧ ଘୋଷଣା କରିବା ପରେ ମୋଦି ପ୍ରଥମଥର ପାଇଁ ରୁଷ ଯାଇଛନ୍ତି ।

ଆଜି ସନ୍ଧ୍ୟାରେ ମୋଦି ମସ୍କୋରେ ପହଞ୍ଚିବା ପରେ ତାଙ୍କୁ ରୁଷର ପ୍ରଥମ ଡେପୁଟି ପ୍ରଧାନମନ୍ତ୍ରୀ ଡେନିସ ମାଉଣ୍ଟରୋଭ ଏୟାରପୋର୍ଟରେ ସ୍ୱାଗତ କରିଥିଲେ । ଏହାପରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ତେବେ ଆସନ୍ତାକାଲିର ୨୨ତମ ଇଣ୍ଡିଆ-ରୁଷ ଶିଖର ସମ୍ମିଳନୀ ପକ୍ଷରୁ ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଆଜି ଘରୋଇ ପ୍ରାଇଭେଟ ଡିନର ପାର୍ଟିର ଆୟୋଜନ କରିଛନ୍ତି । ପାର୍ଟିରେ ମୋଦୀ-ପୁଟିନ୍ ସାକ୍ଷାତ କରିଛନ୍ତି । ଉଭୟ ବିଶ୍ୱ ନେତା ଆଲିଙ୍ଗନ ପରେ ପାର୍ଟିରେ ଯୋଗଦେଇଥିଲେ । ଆସନ୍ତାକାଲି ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ।



ପ୍ରଧାନମନ୍ତ୍ରୀ ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବାକୁ ଯାଉଛନ୍ତି । ଆଲୋଚନା ଦ୍ୱାରା ଦୁଇ ଦେଶ ମଧ୍ୟରେ ଥିବା ସ୍ୱତନ୍ତ୍ର ସହଭାଗିତା ଆହୁରି ଆଗକୁ ଯିବ । ରୁଷରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହ ମଧ୍ୟ ମୋଦି ଆଲୋଚନା କରିବେ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣବୀର ଜୈସାଲ ସୂଚନା ଦେଇଛନ୍ତି । ରୁଷ ଏବେ ଭାରତକୁ ଶସ୍ତାରେ ତେଲ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି ରୁଷ ଠାରୁ ତେଲ ନ କିଣିବାକୁ ପଶ୍ଚିମ ଦେଶଗୁଡ଼ିକ ଭାରତ ଉପରେ ଚାପ ପକାଇଥିଲେ । କିନ୍ତୁ ଭାରତ ଏହାକୁ ଅଣଦେଖା କରିଛି । ତେଣୁ ମୋଦି-ପୁଟିନଙ୍କ ଆଲୋଚନା ଉପରେ ପୂରା ବିଶ୍ୱର ନଜର ରହିଛି । ପ୍ରଧାନମନ୍ତ୍ରୀ ମୋଦି ଶେଷଥର ପାଇଁ ୨୦୧୯ରେ ରୁଷ ଗସ୍ତ କରିଥିଲେ । ସେହିପରି ପୁଟିନ ୨ ବର୍ଷ ତଳେ ଭାରତ ଆସିଥିଲେ ।

# ଅଲିମ୍ପିଆନ୍‌ଙ୍କୁ ପ୍ରୋତ୍ସାହନ

**ଭୁବନେଶ୍ୱର,୮।୭(ମହାଭାରତ):** ଆଗାମୀ ଅଲିମ୍ପିକ୍ସରେ ଭାରତର ପ୍ରତିନିଧି କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର ଦୁଇ ଯୁବ ତାରକା କିଶୋର ଜେନା ଏବଂ ଅମିତ ରୋହିଦାସଙ୍କୁ ଲକ୍ଷ୍ୟ ସାଧନ ଦିଗରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ଏହା ସେମାନଙ୍କୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।



କ୍ରୀଡ଼ାର ମହାକୁମ୍ଭ ହେଉଛି ଅଲିମ୍ପିକ୍ସ । ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶ୍ରୀ ଜେନା ଏବଂ ଶ୍ରୀ ରୋହିଦାସ କେବଳ ନିଜର ଜନ୍ମମାଟି ନୁହେଁ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି କହିବା ସହିତ ଓଡ଼ିଶାବାସୀଙ୍କ ତରଫରୁ ମୁଁ ଉଭୟଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଜାଭେଲିନ୍ ଥ୍ରୋରେ ଶ୍ରୀ ଜେନା ଏବଂ ହକି ତାରକା ଶ୍ରୀ ରୋହିଦାସଙ୍କୁ ଉତ୍ସାହିତ କରିବା ପାଇଁ ଏହି ଆର୍ଥିକ ସହାୟତା ଏକ ପ୍ରୟାସ ମାତ୍ର ଉଭୟଙ୍କ ସାମର୍ଥ୍ୟ ଉପରେ ଓଡ଼ିଶାବାସୀଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅଲିମ୍ପିକ୍ସରେ ନିଜର ଶ୍ରେଷ୍ଠତମ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶିତ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶାରେ କ୍ରୀଡ଼ା ପ୍ରତିଭାମାନଙ୍କର ଅଭାବ ନାହିଁ । ରାଜ୍ୟର କୋଣଅନୁକୋଣର ଏହି ପ୍ରତିଭାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତୃଣମୂଳ ସ୍ତରରେ ଆବଶ୍ୟକ ଭିତ୍ତିଭୂମି, ଆର୍ଥିକ ସହାୟତା ଏବଂ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ୧୩ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର,୮।୭(ମହଭାରତ) :** ଆସନ୍ତା ୧୪ କିମ୍ବା ୧୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ପ୍ରଭାବରେ ଗୋଟିଏ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ । ତେଣୁ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ୧୩ ତାରିଖରୁ ବର୍ଷାର ପ୍ରକୋପ ବୃଦ୍ଧି ପାଇବ । ଏହି ବର୍ଷା ପରବର୍ତ୍ତୀ ୪-୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ପ୍ରକୋପ ରହିବା ନେଇ ସମ୍ଭାବନା ରହିଛି । ଅନ୍ୟପଟେ ରବିବାର ରଥଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଯଦିଓ ପୁରୀରେ ବିଶେଷ ବର୍ଷା ହୋଇନାହିଁ, କିନ୍ତୁ ଭୁବନେଶ୍ୱରରେ ପ୍ରବଳ ବର୍ଷା ଯୋଗୁଁ ଇସ୍କନ ମନ୍ଦିର ସାମନାରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି । ବର୍ଷାରେ ଏହି ରାସ୍ତାରେ ଅଣ୍ଟେ ପାଣି ଜମିବା ସହ ଗାଡ଼ି ମୋଟର ରାସ୍ତାରେ ଭାସିଥିଲା । ଫଳରେ ରାସ୍ତାରୁ ପାଣି କମିବା ପରେ ରଥ ଟଣା ଆରମ୍ଭ ହୋଇଥିଲା ।

# ସମୁଦ୍ର କୂଳରେ ବିମୋହିତ ହେଲେ ମହାମହିମ

**ପୁରୀ,୮।୭(ପିଆଇବି):** ବାର୍ଷିକ ରଥଯାତ୍ରାରେ ଯୋଗଦେବାର ଗୋଟିଏ ଦିନ ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପବିତ୍ର ସହର ପୁରୀର ସମୁଦ୍ର ବେଳାଭୂମିରେ କିଛି ସମୟ ବିତାଇଛନ୍ତି । ଏହାପରେ ସେ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାର ଅନୁଭୂତି ବିଷୟରେ ତାଙ୍କର ବିଚାର ଲେଖିଛନ୍ତି ।



ଏହି ସମୟରେ ବିଶ୍ୱରେ ଅତ୍ୟଧିକ ଖରାପ ପାଣିପାଗ ଜନିତ ବିପତ୍ତି ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ ।

ରାଷ୍ଟ୍ରପତି ଏକ୍ସରେ କରିଥିବା ପୋଷ୍ଟରେ ଲେଖିଛନ୍ତି : ''ଏମିତି କିଛି ସ୍ଥାନ ଅଛି ଯାହା ଆମକୁ ଜୀବନର ସାରତତ୍ତ୍ୱ ସହିତ ଘନିଷ୍ଠ ସଂସ୍ପର୍ଶରେ ଆଣିଥାଏ ଏବଂ ଆମକୁ ମନେ ପକାଇଦିଏ ଯେ ଆମେ ପ୍ରକୃତିର ଏକ ଅଂଶ । ପର୍ବତ, ଜଙ୍ଗଲ, ନଦୀ ଏବଂ ସମୁଦ୍ର ବେଳାଭୂମି ଆମ ଭିତରେ ଲୁଚି ରହିଥିବା ଗଭୀରତାକୁ ଆକର୍ଷିତ କରିଥାଏ । ଆଜି ସମୁଦ୍ର ବେଳାଭୂମିରେ ଚାଲିବା ବେଳେ ମୁଁ ପ୍ରକୃତି ସହିତ କିଛି ସମ୍ପର୍କ ଥିବା ଅନୁଭବ କଲି - କୋମଳ ପବନ, ଲହରୀର ଗର୍ଜନ ଏବଂ ବିପୁଳ ଜଳରାଶିର ବିସ୍ତାର । ଏହା ଏକ ଧ୍ୟାନମୟ ଅନୁଭୂତି ଥିଲା ।''

''ଏହା ମୋତେ ଏକ ଗଭୀର ଆଭ୍ୟନ୍ତରୀଣ ଶାନ୍ତି ଆଣି ଦେଇଥିଲା ଯାହା ମୁଁ ମଧ୍ୟ ଗତକାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସମୟରେ ଅନୁଭବ କରିଥିଲି । ଆଉ ଏଭଳି ଅନୁଭୂତି ପାଇବାରେ ମୁଁ ଏକାକୀ ନୁହେଁ; ଯେତେବେଳେ ଆମେ ଆମଠାରୁ ବହୁତ ବଡ଼ କୌଣସି ଜିନିଷର ସମ୍ମୁଖୀନ ହୋଇଥାଉ, ଯାହା ଆମକୁ ବଞ୍ଚାଇ ରଖିଥାଏ ଏବଂ ଆମ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ, ସେତେବେଳେ ଆମେ ସମସ୍ତେ ସେହି ଭଳି ଅନୁଭବ କରିପାରିବା ।''ଦୈନନ୍ଦିନ ଜୀବନର କୋଳାହଳ କାରଣରୁ ଆମେ ପ୍ରକୃତି ମାତାଙ୍କ ସହ ଏହି ସମ୍ପର୍କ ହରାଇଥାଉ । ମାନବ ଜାତି ପ୍ରକୃତି ଉପରେ ନିୟନ୍ତ୍ରଣ ହାସଲ କରିଛି ବୋଲି ବିଶ୍ୱାସ କରେ ଏବଂ ନିଜର ସ୍ୱଳ୍ପକାଳୀନ ଫାଇଦା ପାଇଁ ଏହାକୁ ଉପଯୋଗ କରିଥାଏ । ଏହାର ପରିଣାମ କ'ଣ ହୁଏ ତାହା ଆମ ସମସ୍ତଙ୍କ ଆଖି ଆଗରେ ରହିଛି । ଚଳିତ ଗ୍ରୀଷ୍ମ ଋତୁରେ ଭାରତର ଅନେକ ସ୍ଥାନରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି । ବିଗତ କିଛି ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଅତ୍ୟଧିକ ଖରାପ ପାଣିପାଗ ଜନିତ ବିପତ୍ତିର ପୁନରାବୃତ୍ତି ଘଟୁଥିବା ଦେଖିବାକୁ ମିଳିଛି । ପୃଥିବୀ ପୃଷ୍ଠର ୭୦ ପ୍ରତିଶତରୁ ଅଧିକ ସମୁଦ୍ରରେ ଗଠିତ ଏବଂ ବିଶ୍ୱ ଉତ୍ତାପନ ଯୋଗୁଁ ବିଶ୍ୱର ସମୁଦ୍ର ପତନ ବୃଦ୍ଧି ପାଉଛି, ଯାହା ଉପକୂଳବର୍ତ୍ତୀ ଅଞ୍ଚଳକୁ ଜଳମଗ୍ନ କରିବାର ଆଶଙ୍କା ସୃଷ୍ଟି କରୁଛି । ବିଭିନ୍ନ ପ୍ରକାର ପ୍ରଦୂଷଣ ଯୋଗୁଁ ସମୁଦ୍ର ଓ ସେଠାରେ ଥିବା ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ଜୀବଜନ୍ତୁ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି ।

# ନିଜ ଭୋଗ ପାଇଁ ମନୁଷ୍ୟ ପ୍ରକୃତିର ଶୋଷଣ କରୁଛି

**ଭୁବନେଶ୍ୱର,୮।୭(ପିଆଇବି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶାର ଭୁବନେଶ୍ୱର ନିକଟସ୍ଥ ହରିଡ଼ାମଡ଼ା ଗ୍ରାମରେ ବ୍ରହ୍ମକୁମାରୀମାନଙ୍କର ଡିଭାଇନ୍ ରିଟ୍ରିଟ୍ ସେଣ୍ଟରକୁ ଉଦଘାଟନ କରିଛନ୍ତି । ସେ ବ୍ରହ୍ମକୁମାରୀମାନଙ୍କର 'ଦୀର୍ଘସ୍ଥାୟିତ୍ୱ ପାଇଁ ଜୀବନଶୈଳୀ'ର ଏକ ଜାତୀୟ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ ।

ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ପ୍ରକୃତି ମାତା ଆମକୁ ଦେଇଥିବା ପରିପୂର୍ଣ୍ଣ ସମ୍ପଦ ଯଥା- ଜଙ୍ଗଲ, ପର୍ବତ, ନଦୀ, ହ୍ରଦ, ସମୁଦ୍ର, ବର୍ଷା, ବାୟୁ- ଏସବୁ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ଜରୁରୀ କିନ୍ତୁ ମନୁଷ୍ୟ ମନେ ରଖିବା ଉଚିତ ଯେ ପ୍ରକୃତିର ପ୍ରଚୁରତାକୁ ନିଜର ଆବଶ୍ୟକତା ପାଇଁ ଉପଯୋଗ କରିବା ଉଚିତ, ନିଜ ଲୋଭ ପାଇଁ ନୁହେଁ । ମନୁଷ୍ୟ ନିଜ ଭୋଗ ପାଇଁ ପ୍ରକୃତିକୁ ଶୋଷଣ କରୁଛି ଏବଂ ଏପରି କରି ପ୍ରକୃତିର କ୍ରୋଧର ଶିକାର ହେଉଛି । ପ୍ରକୃତି ସହ ସମନ୍ୱୟ ସ୍ଥାପନ ଏବଂ ପ୍ରକୃତି ଅନୁକୂଳ ଜୀବନ ବଞ୍ଚିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ ।



ରାଷ୍ଟ୍ରପତି କହିଥିଲେ ଯେ ଭାରତୀୟ ସଂସ୍କୃତି ସର୍ବଦା ପ୍ରକୃତି ସହ ସୁସଙ୍ଗତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେଇ ଆସିଛି । ଆମ ଦର୍ଶନରେ ପୃଥିବୀକୁ ମା ଓ ଆକାଶକୁ ପିତା କୁହାଯାଏ । ନଦୀକୁ ମଧ୍ୟ ମା ଉପାଧି ଦିଆଯାଇଛି । ଜଳକୁ ଜୀବନ କୁହାଯାଏ । ବର୍ଷାକୁ ଆମେ ଭଗବାନ ଇନ୍ଦ୍ର ଏବଂ ସମୁଦ୍ରକୁ ଭଗବାନ ବରୁଣ ଭାବରେ ପୂଜା କରିଥାଉ । ଆମ କାହାଣୀରେ ପର୍ବତ ଓ ଗଛ ବିଷୟରେ ବର୍ଣ୍ଣନା କରାଯାଇଛି ଏବଂ ପ୍ରାଣୀମାନେ ମଧ୍ୟ ପରସ୍ପର ସହ କଥା ବାର୍ତ୍ତା କରୁଥିବାର କୁହାଯାଇଛି । ଅର୍ଥାତ ପ୍ରକୃତି ନିଷ୍କ୍ରିୟ ନୁହେଁ, ଏହା ଭିତରେ ଚେତନାର ଶକ୍ତି ପୂରି ରହିଛି । ପ୍ରକୃତିର ସୁରକ୍ଷା ପାଇଁ ଏସବୁ ଭାରତୀୟ ଦାର୍ଶନିକମାନଙ୍କର ସୁନ୍ଦର ବିଚାରରେ ପ୍ରକଟ ହୋଇଛି । ରାଷ୍ଟ୍ରପତି କହିଥିଲେ ଯେ ଆମ ଦୈନନ୍ଦିନ ଜୀବନରେ ଛୋଟ ଛୋଟ ପରିବର୍ତ୍ତନ ସମାଜରେ ବଡ଼ ପରିବର୍ତ୍ତନ ପାଇଁ ମାର୍ଗ ପ୍ରଶସ୍ତ କରେ । ପ୍ରାକୃତିକ ସମ୍ପଦର ସର୍ବନିମ୍ନ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଆମକୁ ଆମ ଅଭ୍ୟାସ ପରିବର୍ତ୍ତନ କରିବାକୁ ପଡିବ । ଅନେକ ସମୟରେ ଟ୍ୟାପ୍ ଖୋଲା ରହୁଥିବାରୁ ପିଇବା ପାଣି ନଷ୍ଟ ହୋଇଯାଏ । ଦିନରେ ମଧ୍ୟ ଲାଇଟ୍ ଜଳୁଥାଏ । ସେହିଭଳି ଘରେ ହେଉ କି ଅଫିସ୍, ଫ୍ୟାନ୍ କିମ୍ବା ଲାଇଟ୍ ବନ୍ଦ କରିବା ଉପରେ ଆମେ ଧ୍ୟାନ ଦେଉନାହୁଁ । ପ୍ଲେଟରେ କିଛି ଖାଦ୍ୟ ଛାଡିବାର ଅଭ୍ୟାସରୁ ଆମେ ନିଜକୁ ମୁକ୍ତ କରିପାରିନାହୁଁ । କେବଳ ପ୍ରକୃତି ଅନୁକୂଳ ଜୀବନଶୈଳୀ ବିଷୟରେ ଆଲୋଚନା କରିବା ଯଥେଷ୍ଟ ନୁହେଁ, ଏହାକୁ ଆମର ଦୈନନ୍ଦିନ ଜୀବନର ଏକ ଅଂଶ କରିବାକୁ ପଡ଼ିବ ବୋଲି ସେ ଗୁରୁତ୍ୱରୋପ କରିଥିଲେ । ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଏହାକୁ ବଞ୍ଚାଇବାର ଅଭ୍ୟାସ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ରାଷ୍ଟ୍ରପତି ଦୀର୍ଘସ୍ଥାୟିତ୍ୱ ପାଇଁ ଜୀବନଶୈଳୀର ଜାତୀୟ ଅଭିଯାନ ସହ ଜଡ଼ିତ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ପ୍ରକୃତି ସହ ଲୋକଙ୍କୁ ଯୋଡ଼ିବା ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ କହିଛନ୍ତି । ଏହି ଅଭିଯାନ କେବଳ ବୈଠକ, କମିଟି କିମ୍ବା ସମ୍ମିଳନୀରେ ସୀମିତ ରହିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ଏହି ଅଭିଯାନ ସହ ଜଡ଼ିତ ସମସ୍ତଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ, ବିଶେଷ କରି ଗ୍ରାମାଞ୍ଚଳବାସୀଙ୍କୁ ପରିବେଶ ସମ୍ପର୍କରେ ସଚେତନ କରିବାକୁ ସେ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ ।

# ବୃତଙ୍ଗ ପ୍ରକଳ୍ପକୁ ମିଳିଲା ଜଙ୍ଗଲ ଅନୁମୋଦନ

**ଭୁବନେଶ୍ୱର,୮।୭(ମହାଭାରତ):** ନୟାଗଡ଼ ଜିଲ୍ଲାର ବହୁ ପ୍ରତିକ୍ଷିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜଙ୍ଗଲ ଜମିରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ମଞ୍ଜୁରୀ ଦେଇଛି । ଦୀର୍ଘ ୩୦ ବର୍ଷ ଧରି ଏହି ଯୋଜନାଟି ଜଙ୍ଗଲ ଅନୁମତି ପାଇଁ ଅପେକ୍ଷା କରିଥିଲା । ଏହି ଅନୁମୋଦନ ପରେ ଜିଲ୍ଲାର କୃଷି ଓ କୃଷକଙ୍କ ହିତ ସାଧନ ପାଇଁ ଏହି ପ୍ରକଳ୍ପଟି ବରଦାନ ସଦୃଶ ହେବ । ୧୫୨୪.୧୭ ହେକ୍ଟର ଅଞ୍ଚଳର ଜଙ୍ଗଲ ଜମିରେ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଥି ନିମନ୍ତେ ଅନୁମତି ମିଳିଛି । ଏହାଦ୍ୱାରା ବୃତଙ୍ଗ ଜଳସେଚନ ପ୍ରକଳ୍ପରେ ୨୩,୦୦୦ ହେକ୍ଟର ଅଞ୍ଚଳରେ ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇ ପାରିବ । ସୂଚନାଯୋଗ୍ୟ ଯେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏ ସମ୍ପର୍କରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ଏଥିପାଇଁ ସମ ପରିମାଣର ଅଣ ଜଙ୍ଗଲ ଅଞ୍ଚଳରେ କ୍ଷତିପୂରକ ବନୀକରଣ ସହିତ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀର ଅନୁପାଳନ କରାଯିବ ।

## ବ୍ରେଡ ଉ ପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଲର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ୱା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



### ପରଦା ଖବର

# ୨ଟି ଓଟିଟି ପ୍ଲାଟଫର୍ମରେ ରିଲିଜ ହେବ 'କଲକି ୨୮୯୮ ଏଡି'



'କଲକି ୨୮୯୮ ଏଡି' କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ସମସ୍ତଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ପ୍ରଶଂସକମାନେ ଫିଲ୍ମର କାହାଣୀକୁ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ପ୍ରେକ୍ଷାଳୟରେ ବହୁତ ଭିଡ଼ ଦେଖିବାକୁ ମିଳୁଛି 'କଲକି ୨୮୯୮ ଏଡି' ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିବା ସହ ରିଲିଜ୍ ହେବାର ୧୧ଦିନରେ କେବଳ ଭାରତରେ ୫୦୦ କୋଟି ଟଙ୍କାର ମାର୍କ ଅତିକ୍ରମ କରିଛି। ଏବେ ପ୍ରେକ୍ଷାଳୟରେ ଫିଲ୍ମଟି ବ୍ଲକବଷ୍ଟର ହେବା ପରେ ଖୁବ ଶୀଘ୍ର ନିର୍ମାତା ଏହାକୁ ଓଟିଟିରେ ରିଲିଜ କରିବେ ବୋଲି ଜଣାପଡିଛି କୁହାଯାଉଛି ଯେ, ୨ଟି ଓଟିଟି ପ୍ଲାଟଫର୍ମରେ 'କଲକି ୨୮୯୮ ଏଡି' ରିଲିଜ ହେବ ଇକୋନୋମିକ୍ ଟାଇମ୍ସ ଅନୁଯାୟୀ, ଆମାଜନ୍ ପ୍ରାଇମରେ 'କଲକି ୨୮୯୮ ଏଡି' ଇଂରାଜୀ ସବଟାଇଟେଲ ସହିତ ତେଲୁଗୁ, ତାମିଲ, ମାଲାୟାଲମ୍ ଏବଂ କନ୍ନଡ ଭାଷାରେ ରିଲିଜ ହେବ ଏବଂ ନେଟଫ୍ଲିକ୍ସରେ 'କଲକି ୨୮୯୮ ଏଡି' ଇଂରାଜୀ ସବଟାଇଟେଲ ହିନ୍ଦୀ ଭାଷାରେ ରିଲିଜ ହେବ କୁହାଯାଉଛି ଯେ, ଜୁଲାଇ ଶେଷରେ ଓଟିଟିରେ 'କଲକି ୨୮୯୮ ଏଡି'କୁ ରିଲିଜ କରିବାର ଯୋଜନା ଥିଲା କିନ୍ତୁ ବର୍ତ୍ତମାନ କୁହାଯାଉଛି ଯେ ଫିଲ୍ମଟି ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଓଟିଟିରେ ରିଲିଜ୍ ହୋଇପାରେ। ତେବେ ଏପର୍ଯ୍ୟନ୍ତ କୌଣସି ସଠିକ ସୂଚନା ଆସିନାହିଁ ଫିଲ୍ମଟି ଆଜି ପର୍ଯ୍ୟନ୍ତର ସବୁଠାରୁ ମହଙ୍ଗା ଚଳଚ୍ଚିତ୍ର ମଧ୍ୟରୁ ଗୋଟାଏ ହୋଇଥିବା ବେଳେ ଏହା ମଧ୍ୟ କୁହାଯାଉଛି ଯେ ଓଟିଟିରେ ରିଲିଜ୍ ହେବା ବେଳକୁ ଏହି ଫିଲ୍ମ ୧୦୦୦କୋଟି ଟଙ୍କା ରୋଜଗାର କରିସାରିଥିବ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ୟ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ୍ୟ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# ଜଣେ ମହାନ ତପସ୍ୱୀର ଗୁଣ



ଜଣେ ଋଷି ତପସ୍ୟାରତ ଥିଲେ । ବର୍ଷ ପରେ ବର୍ଷ ବିତିଯିବା ପରେ ମଧ୍ୟ ତପସ୍ୱୀ ଜଣକ ନିରବିଚ୍ଛିନ୍ନ ଭାବେ ତପ କରିଚାଲିଥିଲେ । ତପସ୍ୟାର ପୂଣ୍ୟରୁ ଧୀରେ ଧୀରେ ତାଙ୍କ ଶରୀର ପରିଷ୍କୃତ ହେଲା, ଚିତ୍ତ ଶୁଦ୍ଧ ହେବାରେ ଲାଗିଲା । ସେହି ଋଷିଙ୍କ ଅନ୍ତକରଣରେ ସତ୍ତ୍ୱୋଗୁଣ ବିରାଜମାନ କରିବା ସହ ଏହାର ପ୍ରଭାବ ବୃଦ୍ଧି ପାଇଲା । ଧୀରେ ଧୀରେ ଋଷିଙ୍କ ତପଶକ୍ତିର ପ୍ରଭାବ ସ୍ୱର୍ଗଲୋକରେ ପହଞ୍ଚିଲା ।

ଦେବରାଜ ଇନ୍ଦ୍ର ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଅଧିକାର କ୍ଷେତ୍ର ହରାଇବା ଭୟରେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । ସେହି ଋଷିଙ୍କ ସମ୍ମୁଖରେ ପ୍ରକଟ ହୋଇ ଦେବରାଜ ତାଙ୍କୁ ନିବେଦନ କଲେ 'ହେ ଋଷିବର ଆପଣଙ୍କ ତପସ୍ୟାର ତୀବ୍ରତା ଅଳ୍ପ ହ୍ରାସ କରନ୍ତୁ । ଆପଣଙ୍କ ପୂଣ୍ୟବଳ ବଢ଼ିଗଲେ ମୋ ପଦବୀ ଆପଣଙ୍କ ନିକଟକୁ ଚାଲିଯାଇପାରେ । ଋଷି ଜଣକ ସ୍ମିତ ହସି କହିଲେ 'ଦେବରାଜ ! ମୋ ତପସ୍ୟାର ଉଦ୍ଦେଶ୍ୟ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ କରିବା ଏବଂ ପରମାତ୍ମାଙ୍କର ଆହୁରି ନିକଟତର ହେବା । କୌଣସି ପଦବୀ ଆଶାରେ ମୁଁ ଏହି ତପସ୍ୟା କରୁନାହିଁ । ଆପଣ ନିଶ୍ଚିନ୍ତ ହୋଇ ନିଜ ରାଜ୍ୟ ଶାସନ ଜାରି ରଖନ୍ତୁ । ସିଦ୍ଧି ପ୍ରାପ୍ତି ନୁହେଁ, ବରଂ ଧର୍ମନିଷ୍ଠ ଜୀବନଶୈଳୀ ପାଳନ ଉଦ୍ଦେଶ୍ୟରେ ତପସ୍ୟା କରାଯିବା ଉଚିତ୍ । ତାଙ୍କ କଥା ଶୁଣି ଇନ୍ଦ୍ରଦେବ କହିଲେ, ବାସ୍ତବରେ ଆପଣ ଜଣେ ମହାନ ତପସ୍ୱୀ । ଯାହା ଆପଣଙ୍କ ଗୁଣରୁ ପ୍ରକଟ ହେଉଛି ।


# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା



ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

# ବର୍ଷା ଦିନରେ ସ୍ୱାସ୍ଥ୍ୟର ଯତ୍ନ

ଖରା ଦାଉରୁ ରକ୍ଷା ପାଇବାକୁ ସମସ୍ତେ ଚାତକ ପରି ବର୍ଷାକୁ ଅପେକ୍ଷା କରିଥାନ୍ତି। ବର୍ଷା ହେଲେ ଗରମରୁ ନିସ୍ତାର ମିଳିଥାଏ ସତ କିନ୍ତୁ ଏହା ଅନେକ ରୋଗକୁ ଡାକି ଆଣିଥାଏ। ଏହି



ଋତୁକୁ ସଂକ୍ରମଣ ଋତୁ କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ। ଏହି ଦିନରେ ଲୋକମାନେ ଥଣ୍ଡା, ଜ୍ୱର ଆଦି ବିଭିନ୍ନ ରୋଗରେ ପୀଡିତ ହୋଇଥାନ୍ତି। ଏବେ ବର୍ଷାଦିନ ଆରମ୍ଭ ହୋଇଗଲାଣି । ଯଦି ଆମେ ଆରମ୍ଭରୁ ସଜାଗ ନ ହେବା ତାହାଲେ ଆମକୁ ବିଭିନ୍ନ ପ୍ରକାର ରୋଗକୁ ସାମ୍ନା କରିବାକୁ ପଡିବ। ଆଜି ଆପଣଙ୍କୁ ବର୍ଷା ଦିନେ କିପରି ସୁସ୍ଥ ରହିବେ ସେ ବିଷୟରେ କିଛି ଟିପ୍ସ ଦେବୁ। ତାହାଲେ ଜାଣନ୍ତୁ କେଉଁ ସବୁ ଉପାୟ ଅବଲମ୍ବନ କଲେ ଆପଣ ନିଜକୁ ସୁସ୍ଥ ରଖିପାରିବେ।

- ସବୁଠୁ ବଡ଼ ସମସ୍ୟା ହେଲା ଅଚାନକ ଓଦା ହୋଇ ଦୀର୍ଘ ସମୟ ରହିବା। ଏହା ସବୁବେଳେ ବ୍ୟାକ୍ଟେରିଆଲ୍ ଇନ୍ଫେକ୍ସନ୍ କରାଇଥାଏ। ଆଉ ମୁଣ୍ଡ ଓଦା ହେଲେ ଆମକୁ ଶୀଘ୍ର ଥଣ୍ଡା ହୁଏ।
- ବର୍ଷାଦିନେ ଓଦା ନ ହେବାକୁ ଚେଷ୍ଟା କରନ୍ତୁ। କାରଣ ମୁଣ୍ଡ ଓଦା ହେଲେ କେଶ ଶୁଖିବାରେ ଡେରି ହୋଇଥାଏ। ଏଥିପାଇଁ ଆମ ମୁଣ୍ଡ ବିନ୍ଧିଥାଏ।
- ସବୁବେଳେ ଛତା, ରେନକୋଟ ବା ରୁମାଲ୍ ରଖନ୍ତୁ। ବର୍ଷାରେ ବାହାରକୁ ଗଲେ ଆପଣ ଯଦି ଓଦା ହେଇ ଯାଉଛନ୍ତି ତାହାଲେ ସାଙ୍ଗେ ସାଙ୍ଗେ ରୁମାଲରେ ମୁଣ୍ଡକୁ ଭଲ ଭାବେ ପୋଛି ଦିଅନ୍ତୁ।
- ଆଉ ଏକ ବଡ ସମସ୍ୟା ହେଲା ଫଙ୍ଗାଲ୍ ଇନେଫେକସନ ହେବା। ପାଦ ଓଦା ହେବା ଯୋଗୁ ନଖ ମୂଳ ଦରଜ ହୋଇଥାଏ। ଏଥିଯୋଗୁ ତ୍ୱଚା ନରମ ହୋଇ ଚମଡା ଛାଡିବା ସମସ୍ୟା ଦେଖାଦେଇଥାଏ।
- ପାଦ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆପଣ ପାଦ ଓଦା ହେବାକୁ ଦିଅନ୍ତୁ ନାହିଁ। ଓଦା ଜୋତା ମଧ୍ୟ ଅଧିକା ସମୟ ପିନ୍ଧିଲେ ଏହି ସମସ୍ୟାରେ ପଡି ପାରନ୍ତି। ଏଥିପ୍ରତି ଦୃଷ୍ଟି ଦେଲେ ଭଲ।
- ସଫାସୁତୁରା ରହିବା ଉପରେ ଧ୍ୟାନ ଦିଅନ୍ତୁ। ଘରେ ଥିବା ବେସିନ୍ ସବୁବେଳେ ସଫା ସୁତୁରା ରଖନ୍ତୁ। ଏଥିରେ ଯେପରି ଖରା ପଡିବ ଓ ଏହା ଯେମିତି ସବୁବେଳେ ଶୁଖିଲା ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖାଇବା ପିଇବା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଏହା ନହେଲେ ଆପଣ ଶୀଘ୍ର ରୋଗାଗ୍ରସ୍ତ ହୋଇପାରନ୍ତି। ଏଥିପାଇଁ ବର୍ଷା ଋତୁରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତଟକା ପନିପରିବା ଗରମାଗରମ ଖାଇବା ଆବଶ୍ୟକ। ହଳଦୀ, ତୁଳସୀ, ଜାଇଫଳ, ଲବଙ୍ଗ ଆଦିର ବ୍ୟବହାର ମଧ୍ୟ ନିୟମିତ କରନ୍ତୁ।

# ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବ ଆଇଏମଏସ୍

ଭୁବନେଶ୍ୱର, ୮।୭ (ମହାଭାରତ): ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ପବିତ୍ର ଘୋଷଯାତ୍ରା ଅବସରରେ ଇଣ୍ଟେଲିଜେ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା ଆଇଇଏମଏସ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପୁରୀ ମାଳତୀପାଟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଏହି ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ।

ସଡ଼କ ପଥର ଉନ୍ନତି ସହିତ ଯାନବାହାନ ଚଳାଚଳ ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। କିନ୍ତୁ ଏପଟେ ବଢୁଥିବାସଡ଼କ ଦୁର୍ଘଟଣା ଚିନ୍ତାର କାରଣ ସାଜିଛି। ସଡ଼କ ଦୁର୍ଘଟଣାରେ ନିୟନ୍ତ୍ରଣ ପାଇଁ ସଚେତନତା ସହ ନିୟମ ଉଲ୍ଲଘଂନକାରୀଙ୍କ ମଧ୍ୟରେ ଭୟ ସୃଷ୍ଟିର ମଧ୍ୟ ଆବଶ୍ୟକତା ରହିଛି। ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ କରିବା, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ପର୍ଯ୍ୟାପ୍ତ ମାନବ ସମ୍ବଳ ବ୍ୟବସ୍ଥା କରିବା ସହଜସାଧ୍ୟ ନୁହେଁ। ବିଶେଷକରି, ଜାତୀୟ ରାଜପଥ ଗୁଡ଼ିକରେ ଏହା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା।



ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାର ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ମୋଟର ଯାନ ଆଇନରେ ୨୦୨୧ ମସିହାରେ ପରିବର୍ତ୍ତନ ଆଣି ମୋଟର ଯାନ ଆଇନ ଉଲ୍ଲଘଂନ କରୁଥିବା ଯାନ ବିରୁଦ୍ଧରେ ଅତ୍ୟାଧୁନିକ ବିଜ୍ଞାନ ପଦ୍ଧତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ବ୍ୟବସ୍ଥା କରିଛନ୍ତି। ଆଇଇଏମଏସ ବା ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେ ସିଷ୍ଟମ ହେଉଛି ଏ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଦ୍ରୁତଗତିରେ ଯାନ ଚଳାଇବା, ବିନା ହେଲମେଟରେ ଯାନ ଚଳାଇବା, ବିପରୀତ ଦିଗରେ ଯାନ ଚଳାଇବା, ବେପରୁଆ ଯାନ ଚଳାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ ଅଟେ। ଏହି ବ୍ୟବସ୍ଥା ଦ୍ୱାରା ଅତ୍ୟାଧୁନିକ କ୍ୟାମେରା, ରାଡାର ଏବଂ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରାଯାଇ ସ୍ୱୟଂଚାଳିତ ଜ୍ଞାନକୌଶଳରେ ମୋଟର ଯାନ ଆଇନର ଉଲ୍ଲଘଂନକାରୀମାନଙ୍କୁ ଚିହ୍ନଟ କରାଯାଏ ଏବଂ ସେମାନଙ୍କ ବିରୋଧରେ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଭାରତ ସରକାରଙ୍କ ସହଯୋଗ କ୍ରମେ, ଓଡ଼ିଶା ସରକାର ଏହି ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ପଦକ୍ଷେପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥର ୫୪୮ କିଲୋମିଟର ଦୂରତାକୁ ଆଇଇଏମଏସରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ଆଗାମୀ ୫ ବର୍ଷରେ ୮୮ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଅଛି। ପାଣିକୋଇଲିରୁ ରାମେଶ୍ୱର, ଭୁବନେଶ୍ୱର ଠାରୁ ପୁରୀ, ପୁରୀ ଠାରୁ କୋଣାର୍କ, କୋଣାର୍କ ଠାରୁ ପିପିଲି ପର୍ଯ୍ୟନ୍ତ ରାସ୍ତାକୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଅଛି। ଆଇଇଏମଏସ ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ସଡ଼କରେ ସମସ୍ତ ଗାଡ଼ିର ଗତିବିଧି ଉପରେ ନଜର ରଖିହେବ। ଯାହା ନିୟମ ଉଲ୍ଲଘଂନ କରୁଥିବା ଚାଳକମାନଙ୍କୁ ନିୟନ୍ତ୍ରଣ କରିବା ଦିଗରେ ସହାୟତା ପ୍ରଦାନ କରିବ। ଏହି ଅବସରରେ ପରିବହନ କମିସନର ଅମିତାଭ ଠାକୁର, ଅତିରିକ୍ତ ପରିବହନ କମିସନର ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତି ରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦବିଲା ଡୁମୁଡୁମା ଫ୍ଲାଏଓଭର ରାସ୍ତା

ଭୁବନେଶ୍ୱର, ୮।୭ (ମହାଭାରତ): ନବନିର୍ମିତ ଆଇଗିଣିଆ ଓଭରବ୍ରିଜ ଆଜି ଦବିଯାଇଛି । ଏକ ଟ୍ରକ ଯିବା ବେଳେ ଓଭରବ୍ରିଜ ଦବିଯାଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଟ୍ରକ ଚାଳକ। ଧୀରେ ଧୀରେ ବ୍ରିଜ୍ ଦବୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏନେଇ ଜଣାପଡିବା ପରେ ପୁଲିସ ଓ ଏନଏଚଏଆଇ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ (ଏନ୍ଏଚ୍)ରେ ଦବିଗଲା ରାସ୍ତା। ଓଭରବ୍ରିଜ୍ ପାର୍ଶ୍ୱରେ ରାସ୍ତା ଦବି ଯାଇଛି। ଖାଲି ଟ୍ରକ୍ ଥିବାରୁ ବଡ଼ ଧରଣର ଦୁର୍ଘଟଣା ଟଳି ଯାଇଛି। କିନ୍ତୁ ଲୋଡେଲ୍ ଟ୍ରକ୍ ବା ବସ ହୋଇଥାଆନ୍ତା, ତାହାହେଲେ କେତେ ବଡ଼ ଯେ ଦୁର୍ଘଟଣା ଘଟିଥାଆନ୍ତା, ତାହା ଅନୁମାନ କରି ହେଉଥିବ।

ଆଜି ଅପରାହ୍ନରେ ଭୁବନେଶ୍ୱରରୁ ଏକ ମନି ଟ୍ରକ୍ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତେବେ ଡୁମୁଡୁମା ନିକଟସ୍ଥ ଜାତୀୟ ରାଜପଥର ଓଭରବ୍ରିଜ୍ ପାର୍ଶ୍ୱରେ ହଠାତ୍ ଟ୍ରକ୍ ଚକା ଦବି ଯାଇଥିଲା। ଆଉ ଆଗକୁ ଗଡ଼ି ନଥିଲା ଟ୍ରକ୍। ଦେଖୁ ଦେଖୁ ଟ୍ରକ୍ ଚକା ଦବି ଯାଇଥିଲା। ଦୀର୍ଘ ସମୟ ଧରି ଫସି ରହିଥିଲା।



ଟ୍ରକ୍ ଡାଲା ଖାଲିଥିବାରୁ ସେମିତି କିଛି ବଡ଼ ଧରଣର ଦୁର୍ଘଟଣା ଘଟି ନଥିଲା। ଖବର ପାଇ ଏନ୍ଏଚ୍ଏଆଇ ଓ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚିଥିଲେ। ଫସିଥିବା ଟ୍ରକକୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ସେହି ଅଞ୍ଚଳ ଦେଇ ଯିବା ଆସିବା ନକରିବାକୁ ପାଇଁ ପରାମର୍ଶ ଦିଆଯାଇଛି।

ରାସ୍ତା ନିର୍ମାଣ କରିଥିବା ସଂସ୍ଥା ଏଆଇପିଏଲର କର୍ମଚାରୀଙ୍କ କହିବା ଅନୁସାରେ ଯାଞ୍ଚ ସରିଛି। ରାସ୍ତା ମରାମତି ପାଇଁ ଟିମ୍ ଆସୁଛନ୍ତି। ଆଜି ରାତି ସୁଦ୍ଧା ମରାମତି କରାଯାଇ ରାସ୍ତା ସ୍ୱାଭାବିକ କରାଯିବ ବୋଲି ସଂସ୍ଥାର କର୍ମଚାରୀ ଜଣକ କହିଛନ୍ତି। ବ୍ୟସ୍ତ ବହୁଳ ୧୬ ନମ୍ବର ଜାତୀୟ ରାଜପଥର ଡୁମଡୁମା ଦେଇଯାଇଥିବା ଏନ୍ଏଚକୁ ଏଆଇପିଏଲ୍ ଠିକା ସଂସ୍ଥା କରିଥିଲା। ନିମ୍ନମାନର କାମ ଯୋଗୁ ଏମିତି ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଏହାକୁ ସଂସ୍ଥା ପକ୍ଷରୁ ଖଣ୍ଡନ କରାଯାଇଛି।

# ଶ୍ରୀ ଗୁଣ୍ଡିଚା ଯାତ୍ରା ଆଲୋଚନାଚକ୍ର

ଭୁବନେଶ୍ୱର, ୮।୭ (ମହାଭାରତ): ଆମରିସତ୍ୟ ବିକାଶ ପରିଷଦ ଜଟଣୀ ତରଫରୁ ଶ୍ରୀ ଜବାହର ଲାଲ୍ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଖଣ୍ଡୁଆଳ ମନ୍ଦିର କୁସୁମାଟି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଜାତିର ଅସ୍ମିତା.. ଶ୍ରୀ ଗୁଣ୍ଡିଚା ଯାତ୍ରା.. ବିଷୟରେ ନିମନ୍ତ୍ରିତ ଅତିଥିମାନେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଶ୍ରୀ ଜଗନ୍ନାଥ ହେଉଛନ୍ତି ସର୍ବଧର୍ମର ସମନ୍ୱୟ, ଓଡ଼ିଆ ଜାତିର ମଉଡମଣି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଜାତି ଜଗନ୍ନାଥଙ୍କ ଉପସ୍ଥିତିକୁ ଅନୁଭବ କରିଥାଏ ବୋଲି ଉପସ୍ଥାପନା କରିଥଲେ। ମୁଖ୍ୟବକ୍ତା ପଣ୍ଡିତ ରମାକାନ୍ତ ମିଶ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଯୋଗୁଁ ବିଶ୍ୱରେ ଓଡ଼ିଶା ଜଗନ୍ନାଥ ଦେଶ ବୋଲି ପ୍ରତିଷ୍ଠା ଅର୍ଜନ କରିପାରିଛି ଏବଂ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ବିବାହ, ବ୍ରତ ଆଦି କାର୍ଯ୍ୟରେ ଜଗନ୍ନାଥଙ୍କୁ ଖୋଜାଯାଏ ବୋଲି ବର୍ଣ୍ଣନା କରିଥଲେ। ମୁଖ୍ୟ ଅତିଥି ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଭାଷାରଐତିହ୍ୟ ସମ୍ବନ୍ଧରେ ସୁନ୍ଦର ମନ୍ତବ୍ୟ ପ୍ରକାଶ କରିଥିଲେ। ବ୍ରଜବନ୍ଧୁ ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ କିଶୋର ଚନ୍ଦ୍ର ପାଇକରାୟ କାର୍ଯ୍ୟକ୍ରମଟି ଆୟୋଜନ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ କବିତାପାଠୋତ୍ସବରେ ସମରଜିତ ପଟ୍ଟନାୟକ ସଭାପତିତ୍ୱ ଏବଂ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ସମ୍ପାଦିତ ହୋଇଥିଲା। ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ବିଭୁତିଭୂଷଣ ନନ୍ଦ, ମଙ୍ଗୁଳି ପରିଡା, ନର୍ମଦା ଡୋରା, ଡ.ସୁକାନ୍ତି ମହାପାତ୍ର, ଆରତୀ ସେନ୍, ମନୋରମା ପାଢି, ଦାଶରଥି ପଟ୍ଟନାୟକ, ଜଗନ୍ନାଥ ନାୟକ, ପ୍ରଭାସ ମଙ୍ଗରାଜ, ସୁଦର୍ଶନ ମହାପାତ୍ର ଆଲୋଚନାରେ ଯୋଗ ଦେଇଥିଲେ।

# ରିଲ୍ସ କରିବା ବେଳେ ବୁଡ଼ିଗଲେ ଯୁବକ

ଭୁବନେଶ୍ୱର, ୮।୭ (ମହାଭାରତ): ରିଲ୍ସ କଲା ବେଳେ ଖସିଗଲା ଗୋଡ। ଆଉ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପଥର ଖଣିରେ ବୁଡ଼ିଗଲେ ବନ୍ଧୁ। ଆଜି ଅପରାହ୍ନରେ ଏପରି ଦୁର୍ଘଟଣା ଖୋର୍ଦ୍ଧା ତାପଙ୍ଗ ପଥର ଖଣିରେ ଘଟିଛି। ପାଣିରେ ବୁଡ଼ି ଯାଇଥିବା ଯୁବକଙ୍କୁ ଉଦ୍ଧାର ପାଇଁ ଏବେ ମଧ୍ୟ ଉଦ୍ୟମ ଚାଲିଛି। ଅନ୍ୟପକ୍ଷରେ ପାଣିରୁ ଉଦ୍ଧାର ହୋଇଥିବା ଯୁବକ ମେଡ଼ିକାଲରେ ଜୀବନ ସହ ସଂଘର୍ଷ କରୁଛି।

ସିଙ୍ଘୋନୀ ମଲଠାରୁ ଟ୍ୟାକ୍ସି ଭଡ଼ା କରି ଓମ ପ୍ରକାଶ ରଥ, ତାଙ୍କର ଜଣେ ବନ୍ଧୁ ଓ ଜଣେ ଯୁବତୀ ଖୋର୍ଦ୍ଧା ତାପଙ୍ଗ ଯାଇଥିଲେ। ଟ୍ୟାକ୍ସି ଚାଳକଙ୍କ ବାରଣ ସତ୍ତ୍ୱେ ସେମାନେ ବେଆଇନ୍ ଭାବେ ଖୋଳା ଯାଇଥିବା ପଥର ଖଣିରେ ପାଣିରେ ପଶି ରିଲ୍ସ କରୁଥିଲେ। ଅସାବଧାନତା ଯୋଗୁ ସେମାନଙ୍କ ଭିତରୁ ଜଣେ ଯୁବକଙ୍କ ଗୋଡ଼ ଖସି ଯାଇଥିଲା। ଆଉ ତାଙ୍କୁ ଉଦ୍ଧାର କରିବା ପାଇଁ ପାଣି ଭିତରକୁ ଯାଇଥିଲେ ଓମ୍ ପ୍ରକାଶ ରଥ। ହେଲେ ସେ ମଧ୍ୟ ବୁଡ଼ି ଯାଇଥିଲେ।

ଯୁବତୀଙ୍କ ଚିତ୍କାର ଶୁଣି ପାଣି ଭିତରେ ପଶି ପ୍ରଥମେ ବୁଡ଼ିଥିବା ଯୁବକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ ଟ୍ୟାକ୍ସି ଡ୍ରାଇଭର। ହେଲେ ସେତେବେଳକୁ ଓମ ପ୍ରକାଶ ରଥ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ଗଣ୍ଡରେ ପ୍ରବଳ ପାଣିଥିବାରୁ ତାଙ୍କୁ ଉଦ୍ଧାର କରିବା ପାଇଁ କେହି ଯିବାକୁ ସାହସ କରିନଥିଲେ। ଟ୍ୟାକ୍ସି ଡ୍ରାଇଭର ସଙ୍ଗେ ସଙ୍ଗେ ଅଗ୍ନିଶମ ଓ ପୁଲସକୁ ଖବର ଦେଇଥିଲେ। ପାଣିରୁ ଉଦ୍ଧାର ହୋଇଥିବା ଯୁବକଙ୍କୁ ପୁଲିସ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ରିଲ୍ସ କରୁଥିବା ଯୁବତୀ ତାଙ୍କ ପାଖରେ ଅଛନ୍ତି।



ଓମ ପ୍ରକାଶ ରଥଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ଟିମ୍ ପାଣି ଭିତରକୁ ଯାଇଥିଲା। ଦୀର୍ଘ ସାତ ଘଣ୍ଟାର ଅବିଶ୍ରାନ୍ତ ପରିଶ୍ରମ ପରେ ମଧ୍ୟ ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିପାରିନଥିଲା। ୱାଟର କ୍ୟାମେରା, ସ୍କୁବା ଡ୍ରାଇଭ ଟିମ୍, ଓଡ୍ରାଫ୍ ଟିମର ଦୁଇଟି ବୋଟ ସାହାଯ୍ୟରେ ସର୍ଚ୍ଚ ଅପରେସନ ଜାରି ରହିଛି। ଘଟଣା ସ୍ଥଳରେ ସଦର ଥାନା ପୁଲିସ, ଖୋର୍ଦ୍ଧା ତହସିଲଦାର ପ୍ରମୁଖ ଉପସ୍ଥିତ ଅଛନ୍ତି।

ତାପଙ୍ଗରେ ବେଆଇନ୍ ଭାବେ ପଥର ଖୋଳି ବଡ଼ ବଡ଼ ପୋଖରୀ ସୃଷ୍ଟି କରାଯାଇଛି। ସେଥିରେ ପ୍ରବଳ ପାଣି ଜମିଥିବାରୁ ଦୂରରୁ ଦେଖିବାକୁ ଭାରି ସୁନ୍ଦର ଦେଖାଯାଉଛି। ଆଉ ସେଇଠି ରିଲ୍ସ କରିବାକୁ ଆସି ଜୀବନ ହରାଉଛନ୍ତି ଯୁବପିଢ଼ୀ। ଆଜି ଘଟିଥିବା ଘଟଣା ପ୍ରଥମ ନୁହେଁ। ପୂର୍ବରୁ ମଧ୍ୟ ଏମିତି ଘଟଣା ଅନେକ ଘଟିଛି। ବାରମ୍ବାର ବାରଣ ସତ୍ତ୍ୱେ ଯୁବପିଢ଼ୀ ସେହି ମଣିଷ ଖିଆ। ପୋଖରୀକୁ ଯାଉଛନ୍ତି। ଆଉ ମୃତ୍ୟୁ ମୁଖରେ ପଡୁଛନ୍ତି।

# ୨ ମେଡିକାଲ କଲେଜକୁ ଏନ୍ଏମସିର ଅନୁମୋଦନ

ଭୁବନେଶ୍ୱର, ୮।୭ (ମହାଭାରତ): ୧୧୩ଟି ନୂତନ ମେଡିକାଲ କଲେଜକୁ ନ୍ୟାସନାଲ ମେଡିକାଲ କମିଶନ (ଏନଏମସି) ଅନୁମୋଦନ କରିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୨୨ଟି ନୂଆ। ମେଡିକାଲ କଲେଜ ରହିଛି। ଏହାପରେ ମହାରାଷ୍ଟ୍ରରେ ୧୪ଟି ନୂଆ। ମେଡିକାଲ କଲେଜକୁ ଅନୁମୋଦନ ମିଳିଛି। ରାଜସ୍ଥାନ ୧୨, ତେଲେଙ୍ଗାନା ୧୧, ପଶ୍ଚିମବଙ୍ଗ ୮, ମଧ୍ୟପ୍ରଦେଶ ୭, ଆନ୍ଧ୍ରପ୍ରଦେଶ ୭, କର୍ଣ୍ଣାଟକ ୫, ତାମିଲନାଡୁ ୫ ଏବଂ କେରଳରେ ୨ଟି ନୂଆ। ମେଡିକାଲ କଲେଜକୁ ଅନୁମୋଦନ ମିଳିଛି। ଉତ୍ତରାଖଣ୍ଡକୁ ମିଳିବ ୩ଟି ନୂଆ। ମେଡିକାଲ କଲେଜ। ଓଡ଼ିଶା ଓ ଗୁଜରାଟରେ ୨ଟି ଲେଖାଏଁ ମେଡିକାଲ କଲେଜ ରହିବ। ହରିୟାଣା, ଦିଲ୍ଲୀ, ଆସାମ, ପଞ୍ଜାବ, ସିକିମ ଓ ତ୍ରିପୁରାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ଓଡ଼ିଶାରେ ଅନୁମୋଦନ ମିଳିଥିବା ୨ଟି ମେଡିକାଲ କଲେଜ ହେଉଛି ନଖରା ନିକଟରେ ପ୍ରତିଷ୍ଠିତ ଆଇଏମଏସ-ସମ ହସପିଟାଲର ୨ୟ କ୍ୟାମ୍ପସ ଓ ଭବାନୀପାଟଣାରେ ଥିବା ସରକାରୀ ମେଡିକାଲ କଲେଜ୍। ଏନଏମସି ମେଡିକାଲ ଆସେସମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମଏଆରବି) କହିଛି ଯେ ୧୧୩ଟି ଆବେଦନ ସମ୍ବନ୍ଧୀୟ ଏମଏଆରବିର ଚୂଡ଼ାନ୍ତ ନିଷ୍ପତ୍ତି ମେଡିକାଲ ଅନୁଷ୍ଠାନ, କଲେଜକୁ ଅବଗତ କରାଯାଇଛି। ଏନଏମସି ନିୟମ ଅନୁଯାୟୀ, କୌଣସି ମେଡିକାଲ କଲେଜ କିମ୍ବା ଅନୁଷ୍ଠାନ ପ୍ରତିଷ୍ଠା ହୋଇପାରିବ ନାହିଁ କିମ୍ବା ନୂତନ ମେଡିକାଲ ପାଠ୍ୟକ୍ରମ ଆରମ୍ଭ କରାଯାଇପାରିବ ନାହିଁ ଯେପର୍ଯ୍ୟନ୍ତ ଏମଏଆରବି ଏ ସଂକ୍ରାନ୍ତରେ କରାଯାଇଥିବା ଆବେଦନର ଉତ୍ତରରେ ଲିଖିତ ଭାବେ ଅନୁମତି ନ ଦିଏ।

# କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଓ ରୁକୁ ସୁନାଙ୍କ ବିରୋଧରେ ଏତଲା

ଭୁବନେଶ୍ୱର, ୮।୭ (ମହାଭାରତ): ପୁଣି ଅଡୁଆରେ ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର। ଜଗନ୍ନାଥଙ୍କ ଭଜନକୁ କଦର୍ଥ କରି ଗାଉଥିବା ଅଭିଯୋଗରେ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଓ ରୁକୁ ସୁନାଙ୍କ ବିରୋଧରେ ଏତଲା ହୋଇଛି। ଇଣ୍ଟର ନ୍ୟାସନାଲ ହ୍ୟୁମାନ୍ ରାଇଟ୍ସ କମିଶନ ସଂଘ ପକ୍ଷରୁ ଏତଲା ହୋଇଛି। ଜଗନ୍ନାଥ ଭଜନକୁ ଅଶ୍ଳୀଳ ଭାବେ ଗାଇଥିବା ଅଭିଯୋଗ ହୋଇଛି।



୨ କଣ୍ଠଶିଳ୍ପୀଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଲା ସଂଘ। ମାନବାଧିକାର କର୍ମୀ ଶିବ ସୁନ୍ଦର ସ୍ୱାଇଁ ଏହି ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ହ୍ୟୁମାନ ସାଗର ଏବଂ ରୁକୁ ସୁନାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ରୁକୁ ସୁନା ଜଗନ୍ନାଥଙ୍କ ଭଜନକୁ ଅଶ୍ଳୀଳ ଭାବରେ ଗାଇବା ଶୁଣିବାକୁ ମିଳିଛି ଏବଂ ହ୍ୟୁମାନ ଏହା ଶୁଣି ହସି ହସି ଗଡିପଡୁଥିବାର ଦେଖିବାକୁ ମିଳିଛି।

ତାଙ୍କ ପଛରୁ ମଧ୍ୟ ଅନେକ ଲୋକ ହସୁଥିବାର ଶୁଣାଯାଉଛି। ଉଭୟଙ୍କ ଏପରି କାର୍ଯ୍ୟ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି । ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ କମିଶନ ସଂଘ ପକ୍ଷରୁ ଦାବି ହୋଇଛି। ଏହାସହ ଯେଉଁ ଷ୍ଟୁଡିଓରେ ଏହି ଗୀତ ରେକର୍ଡ ହୋଇଛି ତାହା ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକ ରହିଛି ବୋଲି ଅଭିଯୋଗକାରୀ କହିଛନ୍ତି। ଏପରିକି ତାଙ୍କୁ ବ୍ୟାନ କରିବା ଦରକାର ବୋଲି ମଧ୍ୟ ଦାବୀ ହୋଇଛି।

# ଫିଲାଟେକ୍ସ ଫାଶନ୍ସ୍ ୧ ସେୟାରକୁ ୫ ସେୟାରରେ ବିଭାଜନ କରିବାକୁ ଅନୁମୋଦନ

ଭୁବନେଶ୍ୱର, ୮।୭ (ମହାଭାରତ): ହାଇଦରାବାଦସ୍ଥିତ ଅଗ୍ରଣୀ ସକ୍ସ୍ ଏବଂ କଟନ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଫିଲାଟେକ୍ସ ଫାଶନସ୍ ଲିମିଟେଡ ପୁଞ୍ଜି ବଜାରରେ ନଗଦ ଅର୍ଥ ପରିମାଣ ବୃଦ୍ଧି ଏବଂ ଅଂଶୀଦାର ସଂଖ୍ୟା ବୃଦ୍ଧି କରିବାକୁ ୧:୫ (୧ଟି ସେୟାରକୁ ୫ଟିରେ) ଷ୍ଟକ ବିଭାଜନକୁ ଅନୁମୋଦନ କରିଛି। ୨୦୨୪ ଜୁନ୍ ୭ ତାରିଖରେ ଅନୁଷ୍ଠିତ ବୈଠକରେ କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ସମ୍ପ୍ରତି ରହିଥିବା ଫୁଲି ପେଡ୍ଅପ୍ ୫ଟଙ୍କା ଫେସ୍ଭାଲ୍ୟୁ ବିଶିଷ୍ଟ ୧ଟି ଇକ୍ୱିଟି ସେୟାରକୁ ଫୁଲି ପେଡ୍ଅପ ପ୍ରତ୍ୟେକ ୧ ଟଙ୍କା ଫେସ୍ଭାଲ୍ୟୁ ବିଶିଷ୍ଟ ୫ଟି ଇକ୍ୱିଟି ସେୟାରରେ ବିଭାଜନ କରିବାକୁ ଅନୁମୋଦନ କରିଛନ୍ତି। ଏହି ଉପବିଭାଜନ ପ୍ରସ୍ତାବ ଅଂଶୀଦାରମାନଙ୍କର ଏକ ସ୍ୱତନ୍ତ୍ର ସାଧାରଣ ବୈଠକ (ଇଜିଏମ୍)ରେ ଅନୁମୋଦନ ଲାଭ କରିବା ପରେ ଇକ୍ୱିଟି ସେୟାରଗୁଡିକର ଉପବିଭାଜନ ନିମନ୍ତେ ରେକର୍ଡ ତାରିଖ ସମ୍ପର୍କରେ ଘୋଷଣା କରାଯିବ। ଉପ-ବିଭାଜନ ପରେ କମ୍ପାନୀର ସେୟାର କ୍ୟାପିଟାଲ ୮୩୩.୪୦ କୋଟି ଟଙ୍କା ରହିବ ଯାହା ପ୍ରତ୍ୟେକ ୧ ଟଙ୍କା ମୂଲ୍ୟର ୮,୩୩,୪୦,୭୨,୭୨୫ ଇକ୍ୱିଟି ସେୟାରରେ ବିଭକ୍ତ ହେବ। କମ୍ପାନୀର ପ୍ରାଧିକୃତ ସେୟାର କ୍ୟାପିଟାଲ ପରିମାଣ ୮୫୦ କୋଟି ଟଙ୍କା। ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ କମ୍ପାନୀର ଇଜିଏମ୍ ୨୦୨୪ ଜୁଲାଇ ୧୫ ତାରିଖ ସୋମବାର ପୂର୍ବାହ୍ନ ୧୧ଟାରେ ଭିଡିଓ କନଫରେନ୍ସ ଅଥବା ଅଡିଓ ଭିଜୁଆଲ୍ ମିନ୍ସ୍ ଜରିଆରେ ହେବାକୁ ସ୍ଥିରୀକୃତ ହୋଇଛି।

# ରାଷ୍ଟ୍ରପତିଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ଉପହାର

ଭୁବନେଶ୍ୱର, ୮।୭ (ମହାଭାରତ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଶୁଭ ଅବସରରେ ପୁରୀରେ ପ୍ରତିବର୍ଷ ଭଳି ଆୟୋଜିତ ହୋଇଛି 'ପଲ୍ଲିଶ୍ରୀ ମେଳା'। 'ପଲ୍ଲୀ'ର ଅର୍ଥ ହେଉଛି 'ଗାଁ' ଏବଂ 'ଶ୍ରୀ' ଅର୍ଥ ହେଉଛି 'ଲକ୍ଷ୍ମୀ', ଅର୍ଥାତ୍ 'ଗାଁର ଲକ୍ଷ୍ମୀ' ଅର୍ଥାତ୍ ଯେଉଁମାନେ ଓଡ଼ିଶାର ପ୍ରତି ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାବରେ କାର୍ଯ୍ୟ କରୁଛନ୍ତି। 'ପଲ୍ଲିଶ୍ରୀ ମେଳା'ରେ ମାତୃଶକ୍ତିମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଷ୍ଟଲ ବିଶେଷ ଭାବେ ଅବସ୍ଥାପିତ ହୋଇଥାଏ। ଚଳିତ ବର୍ଷ ପୁରୀରେ ୯ ଦିନିଆ। 'ପଲ୍ଲିଶ୍ରୀ ମେଳା'କୁ ଉଦ୍ଘାଟନ କରିବା ପରେ ସାଂସଦ ସମ୍ବିତ ପାତ୍ର ଓଡ଼ିଶାର 'ସ୍ୱୟଂ ସହାୟକ ଗୋଷ୍ଠୀ'ର ମାଆମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ଏକ ବିଶେଷ ଉପହାର ପେଟି ପୁରୀ ସ୍ଥିତ ରାଜଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭେଟି ଦେଇଛନ୍ତି। ସମ୍ବିତ ପାତ୍ର ଏହି ସମ୍ବନ୍ଧରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଯେ ଏଥର ପଲ୍ଲୀଶ୍ରୀ ମେଳାରେ ପୁରୀ ଜିଲ୍ଲା ସମେତ ଓଡିଶାର ସମସ୍ତ ୩୦ଟି ଜିଲ୍ଲାର ବିଭିନ୍ନ ଉତ୍ପାଦ ଅନ୍ତର୍ଭୁକ୍ତ ହୋଇଛି। ଆମ ମାଆ। ଭଉଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦ୍ରବ୍ୟ ରାଷ୍ଟ୍ରପତି ଭବନରେ ପହଞ୍ଚିବା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ ଅଟେ। ଏହା ସହ ପଲ୍ଲିଶ୍ରୀ ମେଳାରେ ଏହି ବର୍ଷ ୧୮ କୋଟିର ବ୍ୟାପାର ହେବାର ଆମେ ଲକ୍ଷ୍ୟ ରଖିଛୁ।



ମହାମହିମ ରାଷ୍ଟ୍ରପତି ମହୋଦୟା ଏହି ଉତ୍ପାଦଗୁଡିକ ବିଷୟରେ ତଥ୍ୟ ଗ୍ରହଣ ପରେ, ଆମ ମାତୃଶକ୍ତିମାନଙ୍କର ପ୍ରୟାସକୁ ଯଥେଷ୍ଟ ପ୍ରଶଂସା କରିଛନ୍ତି ।

# ସରକାରୀ କୋଠାରେ ମିଳିବ ସୌର ବିଦ୍ୟୁତ

ଭୁବନେଶ୍ୱର, ୮।୭ (ମହାଭାରତ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ସମସ୍ତ ସରକାରୀ କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ସବୁ ସରକାରୀ କୋଠାରେ ସୌର ବିଦ୍ୟୁତ ଉପଲବ୍ଧ ହେବ। ମିଶନ ମୋଡରେ ଏହି ସରକାର ବିଭାଗ ଓ ସଂସ୍ଥାର କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ ନିମନ୍ତେ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ପାଇଁ ରାଜ୍ୟ ଶକ୍ତି ବିଭାଗ ନିର୍ଦ୍ଦେଶ ଦେଇଛି।

କେନ୍ଦ୍ର ନବୀକରଣ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବ ଆଧାରରେ ରାଜ୍ୟ ସରକାର ମିଶନ ମୋଡରେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ସମସ୍ତ ସରକାରୀ କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ସବୁ ସରକାରୀ ବିଭାଗ ଓ ସଂସ୍ଥାର କୋଠାରେ ୨୦୦ କିଲୋୱାଟ୍ ଅବା ତା'ଠୁ ଅଧିକ ବିଦ୍ୟୁତ ଆବଶ୍ୟକ ହେଉଥିବ ସେହି କୋଠାଗୁଡ଼ିକର ଛାତରେ ସୌରବିଦ୍ୟୁତ ପ୍ଲାଂଟ ସ୍ଥାପନ ରିନ୍ୟୁଓବଲ ଏନର୍ଜି ସର୍ଭିସ କମ୍ପାନୀ (ଆରଇଏସସିଓ) ଦ୍ୱାରା କରାଯିବ। ଏହି ମଡେଲରେ ବିଭାଗଗୁଡ଼ିକୁ କୌଣସି ପାଣ୍ଠି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଏହି ସୋଲାର ସିଷ୍ଟମ ସ୍ଥାପନଠୁ ଆରମ୍ଭ କରି ୨୫ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ମରାମତି ଖର୍ଚ୍ଚ ଆରଇଏସସିଓ ତୁଲାଇବ। ରାଜ୍ୟ ସରକାର ସମସ୍ତ ସରକାରୀ କୋଠାରେ ଏହି ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କାର୍ଯ୍ୟକାରୀ କରିବା ପାଇଁ ଓରେଡାକୁ ଦାୟିତ୍ୱ ଦେଇଛନ୍ତି। ଓରେଡାର ସର୍ଭେ ଟିମ୍ ଏବେ ସମସ୍ତ ସରକାରୀ କୋଠାରେ ସୋଲାର ସିଷ୍ଟମ ଲଗାଇବା ପାଇଁ ଆବଶ୍ୟକ ସର୍ଭେ କରିବା ସହ ନିର୍ଦ୍ଧାରିତ ଅବଧି ମଧ୍ୟରେ ଫିଜିବିଲିଟି ଷ୍ଟଡି ରିପୋର୍ଟ ଦାଖଲ କରିବେ। ତେଣୁ ଏହି ଯୋଜନାର ତ୍ୱରିତ କାର୍ଯ୍ୟକାରୀ ନିମନ୍ତେ ଓରେଡା ସର୍ଭେ ଟିମକୁ ଆବଶ୍ୟକ ସହଯୋଗ ଦେବା ପାଇଁ ସରକାରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ସମସ୍ତ ବିଭାଗର ସଚିବମାନଙ୍କୁ ଶକ୍ତି ବିଭାଗ ଚିଠି ଲେଖି ଅନୁରୋଧ କରିଛି। ଏହି ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କାର୍ଯ୍ୟକାରୀକୁ 'ସର୍ବାଧିକ ପ୍ରାଥମିକତା' ଦେବାକୁ ମଧ୍ୟ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଚିଠିରେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରହିବ

ଭୁବନେଶ୍ୱର, ୮।୭ (ମହାଭାରତ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ଦଳର ରୂପରେଖକୁ ପରିବର୍ତ୍ତନ କରିଛନ୍ତି। ରାଜ୍ୟ ପଦାଧିକାରୀ କମିଟିକୁ ଭାଙ୍ଗିବା ସହ ନିଜର ରାଜନୈତିକ ସଚିବ, ଲୋକ ସମ୍ପର୍କ ଅଧିକାରୀ, ଦଳର ମୁଖପାତ୍ର, ଜାତୀୟ ମୁଖପାତ୍ରର ନୂଆ। ଟିମ୍ ଘୋଷଣା କରିଛନ୍ତି। ଏ ନେଇ ସୋମବାର ଶଙ୍ଖଭବନରେ ବିଜେଡ଼ି ଏକ ଖବରଦାତା ସମ୍ମିଳନୀ କରିଛି। ବିଜେଡିର ନୂଆ। ରୂପରେଖ ନେଇ ବରିଷ୍ଠ ରାଜ୍ୟ ମିଡିଆ। ସଂଯୋଜକ ପ୍ରତାପ ଜେନାଙ୍କ ପ୍ରତିକ୍ରିୟା ଆସିଛି।



ରଥଯାତ୍ରାରେ ବିଜେଡି ସୁପ୍ରିମୋ ରୂପରେଖ ପରିବର୍ତ୍ତନ କରିଛନ୍ତି। ଏହି କମିଟି ମାଧ୍ୟମରେ ବିଜେଡିକୁ ଅଧିକ ଚଳଚଞ୍ଚଳ କରାଯିବ। ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି। ଲୋକଙ୍କ ସ୍ୱାର୍ଥରେ ହାନି ଆସିଲେ ପ୍ରତିବାଦ କରାଯିବ। ଦୀର୍ଘଦିନ ଧରି କମିଟି ଥିଲା, ଏବେ ନୂଆ। ରୂପରେଖ ଦିଆଯାଇଛି। ବିଜେଡି ସମୟ ସହ ନୂଆ। ରୂପ ଓ ନୂଆ। ଲୋକଙ୍କ ସହ ଆଗକୁ ବଢେ ସାଂଗଠନିକ ସ୍ତରରେ ପରିବର୍ତ୍ତନ ହୁଏ, ଗତକାଲି ବି ହୋଇଛି। ଆଗକୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ କାର୍ଯ୍ୟକ୍ରମ ଓ ଦଳକୁ ଆଗକୁ ନେବା ପାଇଁ ବିରୋଧୀ ଦଳ ଭାବେ କଣ ନୂଆ। ଆଭିମୁଖ୍ୟ ରହି ପାରିବ। ନବୀନ ବାବୁଙ୍କ ନିର୍ଦ୍ଦେଶରେ କାମ କରିବୁ ଓ ସମୟ ସମୟରେ ଭୂମିକା ବଦଳି ପାରେ ବୋଲି କହିଛନ୍ତି ବିଜେଡି ନେତା ସଂତୃପ୍ତ ମିଶ୍ର। ବିଜେଡି ପ୍ରେସମିଟ୍ କରି ଲୋକଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛି। ମିଡ଼ିଆ। ସେଲ ଗଠନ ହୋଇଛି। ବିଗତ ଦିନରେ ବି ମିଡ଼ିଆ। ସେଲ ଭଲ ଭାବେ କାମ କରିଛି। ଏବେର ମିଡ଼ିଆ। ସେଲ ଜରିଆରେ ଦଳକୁ ଆହୁରି କ୍ରିୟାଶୀଳ କରିବାରେ ଉଦ୍ୟମ ରହିବ। ଲୋକଙ୍କ ସ୍ୱାର୍ଥ ପାଇଁ ଲିଢ଼ିବୁ, ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବୁ ବୋଲି ବିଜେଡି ପ୍ରେସମିଟରେ କହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ ଭଲ ପାଆନ୍ତି। ଆଗାମୀ ଦିନରେ ଚେଷ୍ଟା କରିବୁ ଭଲ ଭାବେ କାମ କରିବୁ। ଭଲ କାମକୁ ତର୍ଜମା କରିବୁ। ଆପଣଙ୍କ ସହଯୋଗ ଜାରି ରହିବ ଆମ ଆଶା ବୋଲି ବିଜେଡ଼ି ମିଡ଼ିଆ। ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି।

# ୧୩ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର, ୮।୭ (ମହାଭାରତ): ଆସନ୍ତା ୧୪ କିମ୍ବା ୧୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଗୋଟିଏ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ତେଣୁ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ୧୩ ତାରିଖରୁ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ଏହି ବର୍ଷା ପରବର୍ତ୍ତୀ ୪-୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ପ୍ରକୋପ ରହିବା ନେଇ ସମ୍ଭାବନା ରହିଛି। ଅନ୍ୟପଟେ ରବିବାର ରଥଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଯଦିଓ ପୁରୀରେ ବିଶେଷ ବର୍ଷା ହୋଇନାହିଁ, କିନ୍ତୁ ଭୁବନେଶ୍ୱରରେ ପ୍ରବଳ ବର୍ଷା ଯୋଗୁଁ ଇସ୍କନ ମନ୍ଦିର ସାମନାରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ବର୍ଷାରେ ଏହି ରାସ୍ତାରେ ଅଣ୍ଟେ ପାଣି ଜମିବା ସହ ଗାଡ଼ି ମୋଟର ରାସ୍ତାରେ ଭାସିଥିଲା। ଫଳରେ ରାସ୍ତାରୁ ପାଣି କମିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସକ୍ରିୟ ମୌସୁମୀ ଏହି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ୫୨ ମିମି ବର୍ଷା ହୋଇଥିବା ବେଳେ କଟକରେ ୪୬, ଯାଜପୁର ୨୦, ଗୋପାଳପୁର ୧୬, ଖୋର୍ଦ୍ଧା ଓ ଦାରିଙ୍ଗବାଡ଼ିରେ ୧୨ ମିମି ଲେଖାଏଁ ବର୍ଷା ଅନୁଭୂତ ହୋଇଛି। ସୋମବାର ବର୍ଷାର ପ୍ରକୋପ ହ୍ରାସ ହେବା ସହ କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଦାରୀଦ୍ର୍ୟ ଦୁରୀକରଣ ଯୋଜନା

ଗ୍ରମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି । ତେବେ ଦାରୀଦ୍ର୍ୟ ସୀମାରେଖାର ସଂଜ୍ଞା ପୁନଃନିରୂପିତ ହେବାର ଆବଶ୍ୟକତା ରହିଛି । ବାର୍ଷିକ ୧ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଏବେ ଦରୀଦ୍ର ବୋଲି ବିଚାର କରିବାକୁ ପଡ଼ିବ । ଦାରୀଦ୍ର୍ୟର ମାପକାଠି ଟଙ୍କା ରୋଜଗାର ପରିମାଣ ନୁହେଁ । ଏକ ଉନ୍ନତ ଏବଂ ସ୍ୱଚ୍ଛଳ ଜୀବନ ଯାପନ ବା ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରୁନଥିଲେ ଜଣେ ବ୍ୟକ୍ତିଙ୍କୁ ଦାରୀଦ୍ର ବୋଲି କୁହାଯିବ । ମାଗଣା ରାସନ ଏବଂ ମାଗଣା ଚିକିତ୍ସା ସୁବିଧାକୁ ଏଥିରେ ହିସାବ କରାଯିବା ଅନୁଚିତ । ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି । ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି । ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ । ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା । ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି । ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି । କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି । ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ । ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି । ଏହା ଆମ ପାଇଁ ଏକ ଗୌରବର ବିଷୟ । ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୭ ପ୍ରତିଶତ ରହିପାରେ । ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି । ଏହା ଏକ ଉପରଠାଉରିଆ ଆକଳନ ନୁହେଁ । ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି । ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ । ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ । ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ । କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି । ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି । ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ । ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି । ଏହା କିଛି କମ ସଫଳତା ନୁହେଁ । ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି । ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି ।

# “ ଦେଖିବାକୁ ସୁନାପରି

॥ ଅଜୟ କୁମାର ବେହେରା ॥

*ଏବେ ଅନେକ ପ୍ରକାର ରଙ୍ଗର*
*ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର*
*ରଙ୍ଗିଲା । ବ୍ୟବହାର୍ଯ୍ୟ ଦ୍ରବ୍ୟ*
*ରଙ୍ଗିଲା । ଆଖିକୁ ସୁନ୍ଦର*
*ଦେଖାଗଲା ଏକ ଯାନ*
*କିଣାଗଲା । ଆଣୁ ଆଣୁ ଅନେକ*
*ଯତ୍ନ ପୋଛା ପୋଛି ହିଫାଜତ*
*ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ*
*ଠିକ ଥିଲେ ବି ଗାଡ଼ିର ଇଞ୍ଜିନ*
*ଖରାପ ଚକା ଫାଟିବା ଆଦି*
*ଘଟେ ଭିତର ସିଟ ଫାଟେ ଏପରି*
*ଗାଡ଼ି ଦୂରରୁ ପୂର୍ବପରି*
*ଦେଖାଗଲେ ବି ପ୍ରକୃତିରେ*
*ପୂର୍ବପରି ମୂଲ୍ୟବାନ ଓ ସଚଳ*
*ହୋଇନପାରେ ସେ ରଙ୍ଗ ତକ୍ରାଳ*
*ଦେଖିବାକୁ ସୁନାପରି ।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ । ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି । ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ । ଦକ୍ଷିଣରେ ସୁନାର ଲଙ୍କା ଥିଲା । ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ । ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ । ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ । ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ । ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ । ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ । ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ । ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା ।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ । ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି । ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ । ପ୍ରମାଣିକ ପୁସ୍ତକ ଏବେ ମିଳୁଛି । ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି । ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ । ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା ? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର । ହରିଣ୍ୟରେ ସଦା ଆକ୍ଷି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ । ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ । ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ । ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି । ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ । ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ । ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ । ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି । ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା । ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି ।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା । ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା । ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା । ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି । ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି । ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି । ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି । ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ । ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି । ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି । ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି । ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡ଼ୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି । ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି । ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖିନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ । ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି । ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି । ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ । ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି । ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି । ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି ।

‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

॥ ଡାକ୍ତର ସମ୍ରାଟ କର ॥

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ । ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ । ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ । ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି । ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍ଫୁଲ୍ଲତା, ଉନ୍ମଦତା । ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ । ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା । ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା ।



ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି । ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ । ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ’ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ । ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ ସାକ୍ଷାତ କରିବା । ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ । ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା । ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି । ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ । ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ । କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ । ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ । କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା । ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା । କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ । ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି । ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ’ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

॥ ଡକ୍ଟର ରାଜକିଶୋର ମିଶ୍ର ॥

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡ଼ାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା’ ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ ‘ସରଘର’ ରହିଛି । ଯେଉଁଠାରେ କି କୋଠଭୋଗ ‘ଅମୁଣିଆ’ (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଲିସରା - ୨୪ଟି, ପାଲିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରା ସଂପନ୍ନ

**ଉଦଳା,(ମହାଭାରତ) :** କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ଠାରେ ଶାନ୍ତି ଶୃଙ୍ଖଳାର ସହିତ ଘୋଷଯାତ୍ରା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ରଥଯାତ୍ରାର ପ୍ରଥମ ଦିବସରେ ପାରମ୍ପରିକ ରୀତି ନୀତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ପହଣ୍ଡି ବିଜେ ପୂର୍ବକ ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ରଥାରୁଢ଼ କରାଯାଇଥିଲା । ତତ୍‌ପରେ ନିର୍ଦ୍ଧାରିତ ସମୟରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ଇଂ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟକ୍ରମ ଓ "ମହାବାହୁ" ପତ୍ରିକାର ଉନ୍ମୋଚନ କରାଯିବା ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରଥଦାଣ୍ଡରେ ସମସ୍ତ ନୀତିକାନ୍ତିକୁ ମନ୍ଦିରର ମୁଖ୍ୟ ପୂଜକ ରତିକାନ୍ତ ଦାଶଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ରଥ ଟଣା ସମୟରେ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ ଉଦଳାର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପ୍ରଥମ ଦିବସର ରଥ ହନୁମାନ



ମନ୍ଦିର ଛକରେ ଅଟକି ଥିଲା । ଦ୍ୱିତୀୟ ଦିବସରେ ମଧ ହଜାର ହଜାର ଭକ୍ତଙ୍କ ଗହଣରେ ଭାଇ ଭଉଣୀଙ୍କ ସହ ମହାପ୍ରଭୁ ହନୁମାନ ମନ୍ଦିର ଛକରୁ ବାହାରିବା ପରେ ମାଉସୀ ମା' ମନ୍ଦିର ନିକଟରେ ରଥ ବିରାଜମାନ କରିଥିଲା । ବିଗତ ବର୍ଷ ମାନଙ୍କ ପରମ୍ପରା ଅନୁଯାୟୀ ଦ୍ୱିତୀୟ ଦିବସରେ କେବଳ ମହିଳା ଭକ୍ତ ମାନଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଡ଼. ଦିଲୀପ କୁମାର ଦୀକ୍ଷିତ୍, ଲକ୍ଷ୍ମୀଧର ପୁଥାଳ, ପ୍ରମିଳା ପଣ୍ଡା, କିଶୋର ଦାସବାବୁ, ଶ୍ୟାମସୁନ୍ଦର ପଣ୍ଡା ଏବଂ ସୌମେନ୍ଦ୍ର ଦାଶ ରଥର ଧାରା ବିବରଣୀ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୌରାଧକ୍ଷା ପ୍ରମିଳା ପଣ୍ଡା, ଉପାଧକ୍ଷା ଲିଲି ଭୋଳ, ବିଭିନ୍ନ ୱାର୍ଡ କାଉନସିଲର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ



ଅଧିକାରୀ ସରୋଜ ପ୍ରଧାନ, ଓକିଲ ସଂଘ ସଭାପତି ଲମ୍ବୋଦର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ମାଉସୀ ମା' ମନ୍ଦିର ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିବାବେଳେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଭାରପ୍ରାପ୍ତ ନିରୀକ୍ଷକ ଉଦଳା ଥାନା ବନମାଳୀ ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୋଲିସ କର୍ମଚାରୀ ତଥା ଉଦଳା ମହାବିଦ୍ୟାଳୟ ଓ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଏନ୍.ସି.ସି. ଓ ଏନ୍.ଏସ୍.ଏସ୍. ଛାତ୍ରଛାତ୍ରୀ ମାନେ ଶାନ୍ତିଶୃଙ୍ଖଳା ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ରଥ କମିଟିର ସଭାପତି ସୋମନାଥ ସାହୁ, ସଂପାଦକ ଲକ୍ଷ୍ମଣ ନାୟକ, ଆଇନ ପରାମର୍ଶ ଦାତା ବସନ୍ତ ପରିଡ଼ା, ସୀମାନ୍ତ ତ୍ରିପାଠୀ, ସନ୍ତୋଷ ବାଛିନୀ, ପ୍ରମୋଦ ଦାସ, ତାପସ ବେହେରା, ଟୁଟୁନ ମହାନ୍ତି, ହରିଶ୍ଚନ୍ଦ୍ର ଦାସ, ରଥ ମହାରଣା, ରଥ କଳାକାର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଚିତ୍ରଶିଳ୍ପୀ ତଥା ପରିବେଶ ବିତ୍ ଭଗବାନ ମହାପାତ୍ରଙ୍କ ନିଆରା ଢ଼ଙ୍ଗରେ "ମା' ପାଇଁ ଗଛଟିଏ" ବୃକ୍ଷରୋପଣ ସଚେତନତା ଭକ୍ତ ଗହଣରେ ବେଶ ଆଦୃତ ହୋଇଥିଲା ।

# ଖଣି କାର୍ଯ୍ୟରେ ବାଧା ଉପୁଜୁଥିବା ନେଇ କୋର୍ଟର ଦ୍ୱାରସ୍ଥ ହେଲା କମ୍ପାନୀ



**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଏବେ ଅଶାନ୍ତ ହୋଇପଡିଛି, କିଛି ମୁଷ୍ଟିମେୟ ଲୋକ ଜଣେ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଯୋଡା ଖଣି ଅଞ୍ଚଳରେ ବିଭିନ୍ନ ଖଣି ନିକଟରେ ନିଜ ସମର୍ଥକ ମାନଙ୍କୁ ନେଇ ଧାରଣା ଓ ଅନଶନ କରି ଖଣି କାର୍ଯ୍ୟ ରେ ବ୍ୟାଘାତ ସୃଷ୍ଟି କରୁଥିବା ନେଇ ଖଣି କମ୍ପାନୀ ଏବେ ମାନ୍ୟବର କୋର୍ଟ ର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି, ମିଳିଥିବା ସୂଚନା ଅନୁଯାୟୀ ଗତ ୧୨ ଦିନ ହେବ ଟଣ୍ଟୋ ସ୍ଥିତ ନର୍ଭେରାମ ଖଣିରେ ସ୍ଥାନୀୟ ବାସିନ୍ଦା ନିଯୁକ୍ତି ଓ ପରିବହନ ଦାବି ନେଇ ଧାରଣା ରେ ବସିଥିବା ବେଳେ ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି, ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ଯେ ସ୍ଥାନୀୟ କିଛି ବାସିନ୍ଦା ବିନା କାରଣରେ ବେନିୟମ ଭାବେ ଖଣି ଫାଟକ ସମ୍ମୁଖରେ ଧାରଣା ଦେଇ ଖଣି କାର୍ଯ୍ୟ ରେ ବାଧା ସୃଷ୍ଟି କରିବା ସହ ଖଣି କମ୍ପାନୀ କୁ ବଦନାମ କରିବାରେ ଲାଗିଛନ୍ତି, କମ୍ପାନୀ ସର୍ବଦା ନିଯୁକ୍ତି କିମ୍ବା କର୍ମ ନିଯୁକ୍ତି ହେଉ ସ୍ଥାନୀୟ ବାସିନ୍ଦା ଙ୍କୁ ପ୍ରାଧାନ୍ୟ ଦେଇ ଆସୁଛି, ପାରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ ମଧ୍ୟ କମ୍ପାନୀ ସର୍ବଦା ଲୋକ ପ୍ରତିନିଧି ଙ୍କ ସହାୟତା ନେଇ ଅଞ୍ଚଳ ର ବିକାଶ କରି ଆସୁଛି, ତେବେ ଏଠାରେ ପ୍ରକାଶ ଥାଉ କି ନୂତନ ଭାବେ ଖଣି ଲିଜ ନେଇଥିବା ଖଣି ଗୁଡିକ ନିଲାମ ସମୟରେ ହାଇ ବିଡିଂ ରେ ଖଣି ହାତେଇ ଥିବା ଦ୍ୱାରା ଖଣି ବ୍ୟବସାୟ ରେ ଅନେକ ସମସ୍ୟା ଉପୁଜୁଥିବା ବେଳେ ଆନ୍ଦୋଳନ କରି, ଧାରଣା କରି ଖଣି କାର୍ଯ୍ୟରେ ବାଧା ସୃଷ୍ଟି କରିବା ବୋଝ ଉପରେ ଲଳିତା ବିଡ଼ା ପରି ମନେ ହେଉଥିବା କମ୍ପାନୀ କର୍ତ୍ତୃପକ୍ଷ ଜଣାଇଛନ୍ତି, ତେବେ ଖଣି କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ବେନିୟମ ଧାରଣା କୁ ବ୍ୟାହତ କରିବା ପାଇଁ କମ୍ପାନୀ କୋର୍ଟ ର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି,,

# ସ୍କାଉଟ ଓ ସାରଦା ଗାଇଡ଼ କମ୍ପାନୀ ଦ୍ୱାରା ବନମୋହ



**ଆସିକା,(ମହାଭାରତ) :** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ଼ କମ୍ପାନୀ ପକ୍ଷରୁ ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା ଓ ଲୀନାକୁମାରୀ ସ୍ୱାଇଁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନ ରେ ଆସିକା ଋଷିକୂଲ୍ୟା ନଦୀ ପଠା ଏବଂ ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ୫୦ ଟି ଗଛ ଲଗାଯାଇଛି କ୍ଷଭାରତର ଯସସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ବନମହୋତ୍ସବର ନାରା 'ମାଁ ପାଇଁ ବୃକ୍ଷ ଟିଏ' ବୃକ୍ଷରୋପଣ ଦ୍ୱାରା ଚରିତାର୍ଥ କରିବା ପାଇଁ ଏବଂ ଆଜିର ବୃକ୍ଷ ରୋପଣ ଭବିଷ୍ୟତର ଜୀବନ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପିଲାମାନେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଉପଯୁକ୍ତ ଯତ୍ନ ନେବା, ସୂର୍ଯ୍ୟଙ୍କ ଉତ୍ତପ୍ତ ଦାଉରୁ ବର୍ତ୍ତିବା ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ପଦକ୍ଷେପ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ କ୍ଷ ମଣିଷ ନିଜର ସୁବିଧା ସୁଲଭ କରିବା ପାଇଁ ବୃକ୍ଷଗୁଡିକୁ ଆଜି ନିଶ୍ଚିହ୍ନ କରିବା ପାଇଁ ବସିଛି । ବିଶ୍ୱ ଭୌଗଳିକ ତଥା ଜଳବାୟୁ ପରିବର୍ତ୍ତନରେ ଏବଂ ଓଜନ ସ୍ତରକୁ ନିୟନ୍ତ୍ରଣ କରିବାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷ ରୋପଣ ବୋଲି ସମସ୍ତଙ୍କୁ ସୂଚାୟୀ ଥିଲେ । ଏହି ଅବସରରେ ପ୍ରଧାନାଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ସମ୍ପାଦକ କମଳେନ୍ଦୁ ହୋତା, ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ, ସସ୍ମିତା କୁମାରୀ ସାହୁ, ଅଶୋକ କୁମାର ପଟ୍ଟନାୟକ, କେ କମଳା କୁମାରୀ ଆଚାରୀ, ଦେବସ୍ମିତା ପାତ୍ରପ୍ରମୁଖ ସହଯୋଗ କରିଥିଲେ ।

# ନାଲକୋ ସ୍ମେଲଟର କାରଖାନାରେ ଦୁର୍ଘଟଣା

## ତିନି ଆହତ,ତିନି ଶ୍ରମିକ ଗୁରୁତର

**ଅନୁଗୋଳ,(ମହାଭାରତ) :** ନାଲକୋ କାରଖାନା ରେ ସୁରକ୍ଷା ବ୍ୟବସ୍ଥାରେ ବଡ଼ ଧରଣର ତ୍ରୁଟି ପାଇଁ ଛଅ ଜଣ ଶ୍ରମିକ ଗୁରୁତର ଥିବା ବେଳେ ତିନି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି , ସେମାନଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟ କୁ ସ୍ଥାନାନ୍ତରଣ କରାଯାଇଛି । ସୂଚନା ଯେ,ଆଜି ଅପରାହ୍ନ ୪.୩୦ ସମୟରେ ନାଲକୋ ସ୍ମେଲଟର କାରଖାନା ରେ ଟ୍ରେନ ଯୋଗେ ନାଲକୋ କୁ ଆସିଥିବା କିଛି କଞ୍ଚା ମାଲ ଜିନିଷ କୁ ଖାଲି କରିବା ପାଇଁ ଦୈନିକ ଠିକା ଭାବରେ କିଛି ଶ୍ରମିକ ମାନଙ୍କୁ ଆଣି ମନୁ ଏଣ୍ଟରପ୍ରାଇଜେସ ସେହି କଞ୍ଚା ମାଲ ଗୁଡିକ ଖାଲି କରୁଥିଲେ , ଟ୍ରେନ ର ଇଞ୍ଜିନ ଓ ବଗି ଅଲଗା ଥିବା ବେଳେ ଲୋକ ପାଇଲଟ୍ ଇଞ୍ଜିନ କୁ ଖଞ୍ଜିବା ପାଇଁ ବଗି ରେ ଇଞ୍ଜିନ କୁ ବାଡେଇ ଦେଇଥିଲେ ଯାହା ଫଳରେ କାର୍ଯ୍ୟ କରୁଥିବା କିଛି ଶ୍ରମିକ ଟ୍ରେନ୍ ଉପରୁ ଖସି ପଡ଼ିଥିଲେ , ସେମାନଙ୍କ ମଧ୍ୟରୁ ଛଅ ଜଣ ଶ୍ରମିକ ଗୁରୁତର ଆହତ ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ତିନି ଜଣ ଅତି ଗୁରୁତର ହୋଇଥିଲେ , ଗୁରୁତର ହୋଇଥିବା ଶ୍ରମିକ ମାନେ ହେଲେ ବାଦିବାହାଳ ଗ୍ରାମର ଅନିରୁଦ୍ଧ ଗଡ଼ନାୟକ (ବୟସ -୪୭ )ତାଙ୍କର ବାମ ହାତ ରେ ଗଭୀର ଆଘାତ ଲାଗିଛି , ବେନ୍ତପୁର ଗ୍ରାମର ହେମନ୍ତ ଭୋଇ(ବୟସ- ୪୬) ଙ୍କର୍ ବାମ ଗୋଡ଼ ରେ ଗଭୀର ଆଘାତ ଲାଗିଛି ଅନ୍ୟ ଜଣେ ହେଲେ ତୁଳସୀପାଳ ଗ୍ରାମର




ତଥଁଲୁ ଦେହୁରୀ (ବୟସ-୫୦) ତାଙ୍କର ବାମ ଗୋଡ ଟି ଅଧିକ ଆଘାତ ଲାଗିବା କାରଣ ରୁ ଅବସ୍ଥା ସଙ୍କଟାପନ୍ନ ଅଛି । ପ୍ରଥମେ ସମସ୍ତ ଗୁରୁତର ଶ୍ରମିକ ମାନଙ୍କୁ ନାଲକୋ ଚିକିତ୍ସାଳୟ କୁ ଭର୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ କୁ ସ୍ଥାନାନ୍ତରଣ କରାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠେ କି ନାଲକୋ ରେ ସ୍ଥାୟୀ କର୍ମଚାରୀ ଓ ଠିକା ଶ୍ରମିକ ଥିବା ବେଳେ କାହିଁକି ଦୈନିକ ଭାବେ ଠିକା ଶ୍ରମିକ ମାନଙ୍କୁ ଅଣା ଯାଇଥିଲା , ସେହି ସ୍ଥାନରେ କାହିଁକି ସୁରକ୍ଷା ବ୍ୟବସ୍ଥା କୁ ଦେଖା ଗଲା ନାହିଁ , ସେମାନେ ଯଦି ଦୈନିକ ମଜୁରୀ ଭାବରେ କାର୍ଯ୍ୟ କରିଥିଲେ ତେବେ ସେମାନଙ୍କର ବିମା ଥିଲା କି .. ?

# ବନମହୋତ୍ସବ ସପ୍ତାହରେ ବୃକ୍ଷରୋପଣ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ କାଣ୍ତସର ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବୃକ୍ଷ ରୋପଣ ସପ୍ତାହ ଚାଲିଥିବା ବେଳେ ସେହି ପରିପ୍ରେକ୍ଷୀରେ କାଣ୍ତସର ଗ୍ରାମ ପଞ୍ଚାୟତ ରେ ବୃକ୍ଷରୋପଣ କରାଯାଇଛି ସଭାପତି ଅନନ୍ତ ବାରିକ ଓ ସାଧାରଣ ସମ୍ପାଦକ ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ଜିଲ୍ଲାର ବରିଷ୍ଠ ସମାଜ ସେବୀ ଚିନ୍ମୟୀ ଦାସ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଉପଦେଷ୍ଟା ବିଷ୍ଣୁ ଚରଣ ବେହେରା ଶ୍ରୀକାନ୍ତ କୁମାର ସାହୁ କାଣ୍ତସର ଗ୍ରାମ୍ୟ ଉନ୍ନୟନ କମିଟିର ସାଧାରଣ ସମ୍ପାଦକ ପତିତପାବନ ଗଡ଼ନାୟକ ଓ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗ ରେ କାଣ୍ତସର ଗ୍ରାମ ପଞ୍ଚାୟତରେ ବହୁ ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି ଏହା ମଧ ବହୁଦିନ ଧରି ଗ୍ରାମ ର ବିଦ୍ୟାଳୟ ଶ୍ମଶାନ ଓ ବିଭିନ୍ନ ଖୋଲା ଯାଗାରେ ବୃକ୍ଷ ରୋପଣ କାର୍ଯ୍ୟ ଯାରି ରହିଛି ଏବଂ ଆଗକୁ ମଧ ଯାରି ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି ଅମ୍ଳଜାନ ଅଭାବରୁ ସମସ୍ତେ ନିଜନିଜ ଗ୍ରାମ ର ଖୋଲା ଯାଗାରେ ବୃକ୍ଷ ଲଗାନ୍ତୁ ବୋଲି ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି ।

# ବ୍ଲକସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆସିକା ବିଜୟୀ



**ଆସିକା,(ମହାଭାରତ) :** ବ୍ଲକ ସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ରେ ଆସିକା ବିଜୟୀ । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବୁଗୁଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଆସିକା ଓ ବୁଗୁଡ଼ା ବ୍ଲକ ସ୍ତରୀୟ ବନ୍ଧୁତ୍ୱ ପୂର୍ଣ୍ଣ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆସିକା ବ୍ୟାଡ଼ମିଣ୍ଟନ କୋଚ ଚନ୍ଦନ ବେହେରା, ବାବୁଗୌଡ଼ ଓ ବୁଗୁଡ଼ା ବ୍ୟାଡ଼ମିଣ୍ଟନ କୋଚ ତୋଫାନ ବେହେରାଙ୍କ ନେତୃତ୍ୱରେ ୧୧ ରୁ ୧୬ବର୍ଷ ମଧ୍ୟରେ ହୋଇଥିବା କ୍ରୀଡ଼ାବିତଙ୍କୁ ନେଇ ଅନୁଷ୍ଠିତ । ଏହି ପ୍ରତିଯୋଗିତାରେ ଅଣ୍ଡର ୧୧ ବର୍ଷ ବାଳକ ସିଙ୍ଗଲସ ପ୍ରତିଯୋଗିତାରେ ଆସିକା ଷ୍ଟାଡିୟମ ର ଏସ. ଆଶିଷ କୁମାର ଆଚାରୀ ଓ ଅଣ୍ଡର ୧୧ ବର୍ଷ ଡବଲସ ରେ ପ୍ରେମ ସାଇ ମୁନି ଓ ଏସ. ଆଶିଷ କୁମାର ଆଚାରୀ ବିଜୟୀ ହୋଇଛନ୍ତି । ସେହିପରି ଅଣ୍ଡର ୧୩ ବର୍ଷ ସିଙ୍ଗଲସ ରେ ରିମା ସ୍ୱାଇଁ,ଅଣ୍ଡର ୧୫ ବର୍ଷ ଡବଲସ ରେ ହେମନ୍ତ ଓ ସଞ୍ଜିତା, ଅଣ୍ଡର ୧୭ ବର୍ଷ ସିଙ୍ଗଲସରେ ବାଦଲ ଓ ସିଧୁ ଓ ଡବଲସରେ ସିଧୁ ଓ ତାପସ ବିଜୟୀ ହୋଇଛନ୍ତି । ଏହି ପ୍ରରିପ୍ରେକ୍ଷୀରେ ପୁରସ୍କାର ବିତରଣ ସମାରୋହରେ ଆସିକା ବ୍ୟାଡ଼ମିଣ୍ଟନ କ୍ଲବ ସଭାପତି ସାଗର ସାବତ, ପାନାସୋନିକ୍ କ୍ରିକେଟ କ୍ଲବ ସମ୍ପାଦକ ପ୍ରଶାନ୍ତ କୁମାର ମୁନି, ବାଳକୃଷ୍ଣ ରେଡ୍ଡୀ, ଟୁକୁନା ସାହୁ, ସୁନୀଲ ପାଣିଗ୍ରାହୀ, ଅଶୋକ ଆଚାରୀ, ଆସରଣୀ ଆଚାରୀ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ସଇଁତଲା କେନ୍ଦୁପତ୍ର ରେଞ୍ଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଲା ସ୍ଥିତ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରର ଠାରେ ୭୫ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ମହାସମାରୋହ ପାଳନ ହୋଇଯାଇଛି । ଏହି ପରିପେକ୍ଷୀରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ କେନ୍ଦୁଲିପ ଡିଭିଜନର ଡିଏଫଓ ରଞ୍ଜିତ କୁମାର ମଲ୍ଲିକ ଯୋଗଦାନ କରି ବୃକ୍ଷରୋପଣ ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ, ଓଡିଶା ସାମ୍ବାଦିକ ସଂଘ(ଓଜେୟୁ ) ଜିଲ୍ଲା ସଭାପତି ପ୍ରମୋଦ ସେଲମା ଓ ସ୍ଥାନୀୟ ରେଞ୍ଜର ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କଲୋନୀ କେମ୍ପସରେ କେବଳ ନଡ଼ିଆ ଗଛ ବୃକ୍ଷରୋପଣ କରାଯାଇଥିଲା । ଏହି ସମୟରେ ଫରେଷ୍ଟର ସନୋଜ କୁମାର ନାୟକ, ମୋନାଲିସା ମିଶ୍ର, ହେମ ସାଗର ସାହୁ, ପୁଷ୍ପାଞ୍ଜଳୀ ବେହେରା, ଫରେଷ୍ଟ ଗାର୍ଡ ସୁମିତାଭ ତ୍ରିପାଠୀ, ରେଞ୍ଜ



ସଭାପତି ସୁଶାନ୍ତ ମେହେର, ବାଇଣ୍ଡୀଙ୍ଗ ଚେକର ବିବେକ ପାତ୍ର, ମାଧବ ସାହୁ, ଗୌର ମହାକୁର, ଡିଓ ହିମାଂଶୁ ପାତ୍ର କେନ୍ଦୁପତ୍ର ଓ ପ୍ରେମଲାଲ ସାଣ୍ଡ ଓ କେନ୍ଦୁପତ୍ର ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ ।

# ବଚାରପତିଗଣ ପାଳନ କଲେ ବନମହୋତ୍ସବ



**ଆସିକା,(ମହାଭାରତ) :** ଆସିକା ନ୍ୟାୟାଳୟ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆସିକା ବ୍ଲକ ଚାରିମାଇଲି ଛକ ନିକଟସ୍ଥ ବନାଞ୍ଚଳ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର , ସିଭିଲ ଜର୍ଜ ସୌଦାମିନୀ ବିଶ୍ୱାଳ ଏବଂ ଝିଲି ଲୀନା ନାୟକ, ଜେଏମଏଫ ସି ମୋନାଲି ବେହେରା, ଏବଂ ଏ. ଗୀତାଞ୍ଜଳି ନାଇଡୁ, ଓକିଲ ସଂଘ ସମ୍ପାଦକ ବିଦେଶୀ ନାୟକ, ଆଇନଜୀବି ଓକିଲ ସଂଘର ଉପ ସଭାପତି ପ୍ରଭାତ ପାଢ଼ୀ, ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଧିରେନ କୁମାର ପଣ୍ଡା ସମେତ ଅନେକ ପରିବେଶ ବିତ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ୭୫ତମ ବନ ମହୋତ୍ସବ ପାଳନ



**ରାୟଗଡା,(ମହାଭାରତ) :** ତାରିଖ ୦୬.୦୭.୨୦୨୪ ରିଖ ରେ ସ୍ଥାନୀୟ ଅଭିନନ୍ଦନ ହଲ ନିକଟସ୍ଥ ରେଳୱେ କଲୋନୀ ର ରେଳୱେ ପଡିଆରେ ଜିଲ୍ଲା ସ୍ତରୀୟ ୭୫ତମ ବନ ମହୋତ୍ସବ ପାଳନ ହୋଇଯାଇ ଅଛି । ଏହି ବର୍ଷ ଏହି ପବିତ୍ର କାର୍ଯକ୍ରମ ଟି " ମାଁ ନାମରେ ବୃକ୍ଷ ଟିଏ" କ୍ରମରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଏହି ବର୍ଷ ନିଜ ନିଜ ମାଁ ଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ସରକାରଙ୍କ ତରଫରୁ ଅନୁରୋଧ କରାଯାଇ ଅଛି । ଉକ୍ତ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କୋରାପୁଟ ଲୋକସଭା ସାଂସଦ ଶ୍ରୀ ସପ୍ତଗିରୀ ଶଙ୍କର ଉଲ୍ଲକା ଯୋଗଦାନ କରି ନିଜ କରକମଳ ରେ ଏକ ରୁଦ୍ରାକ୍ଷ ବୃକ୍ଷ ଚାରା ନିଜ ମାଁ ନାମରେ ରୋପଣ କରି ଜିଲ୍ଲା ସ୍ତରୀୟ ୭୫ତମ ବନ ମହୋତ୍ସବ ପାଳନ ର ଶୁଭାରମ୍ଭ କରିଥିଲେ । ତାପରେ ମାନ୍ୟବର ବିଧାନ ସଭା ସଦସ୍ୟ , ରାୟଗଡ଼ ଶ୍ରୀ ଆପଲ ସ୍ୱାମୀ କାଦ୍ରାକା , ମଧ ଏକ ଶାଳ ବୃକ୍ଷ ର ଚାରା ରୋପଣ କରିଥିଲେ । ତାପରେ ସମ୍ମନନୀୟ ଶ୍ରୀ ମନୋଜ ସତ୍ୟବାନ ମହାଜନ , ଜିଲ୍ଲାପାଳ , ରାୟଗଡ଼ । , ଶ୍ରୀ ହରିଶ ବି ଶି , ଜିଲ୍ଲା ଆରକ୍ଷୀ ଅଧିକାରୀ, ରାୟଗଡ, ଶ୍ରୀ ସଚିନ ଆନ୍ନା ସାହେବ , ବନଖଣ୍ଡ ଅଧିକାରୀ , ଶ୍ରୀ ଅଶୋକ କୁମାର ପ୍ରଧାନ , ଉପ ବନ ସଂରକ୍ଷକ , ରାୟଗଡ଼ , ଶ୍ରୀ ସଂଦୀପ କୁମାର ପୃଷ୍ଟି , ଉପ ବନ ସଂରକ୍ଷକ , ରାୟଗଡ଼ , ଶ୍ରୀ ମହେଶ ପଟ୍ଟନାୟକ, ଅଧକ୍ଷ ରାୟଗଡ ପୌରପାଳିକା, ସୁଶ୍ରୀ ଟୁନି ହୁଇକା, ଅଧକ୍ଷା, ରାୟଗଡ ବ୍ଲକ , ଶ୍ରୀମତୀ ବବିଲତା ସର୍ପ , ଚକ୍ସଭମସକ୍କବକ୍ଷ , ରାୟଗଡ଼ ବଙ୍କଷ୍ୱକ୍ଟଭକ୍ଷ୍ଟଙ୍କକ୍ଟଙ୍କଷ୍ୱ କଲେଜ , ଶ୍ରୀମତୀ ସଂଯୁକ୍ତ । କୁଲେସିକା, ଅଧକ୍ଷା , କୋଲନାରା ବ୍ଲକ , ସୁଶ୍ରୀ ସରସ୍ୱତୀ ମାଝୀ , ଜିଲା ପରିଷଦ ଅଧକ୍ଷା , ରାୟଗଡା , ଶ୍ରୀ ଗୌରାଙ୍ଗ ରାଉତ , ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏହି କାର୍ଯକ୍ରମ ରେ ଯୋଗଦାନ କରି ନିଜ ନିଜ ମାଁ ଙ୍କ ନାମ ରେ ଏକ ବୃକ୍ଷ ରୋପଣ କରିଥିଲେ । ଏହି ପରିପେକ୍ଷୀ ରେ ମାନ୍ୟବର କୋରାପୁଟ ଲୋକସଭା ସାଂସଦ ଶ୍ରୀ ସପ୍ତଗିରୀ ଶଙ୍କର ଉଲ୍ଲକା ବର୍ତମାନ ର ପରିବେଶ ର ଅସନ୍ତୁଳଣତା ପାଇଁ ପ୍ରତ୍ୟେକ ବ୍ୟକ୍ତି ଙ୍କୁ ଗୋଟିଏ ଗୋଟିଏ ଚାର। ରୋପଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ସହରାଞ୍ଚଳ ରେ ସହରାଞ୍ଚଳ ବନୀକରଣ ଅଧିକ ମାତ୍ର। କରିବା ପାଇଁ ବନଖଣ୍ଡ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିପେକ୍ଷୀ ରେ ରାୟଗଡା ବନଖଣ୍ଡ ଅଧିକାରୀ, ରାୟଗଡା ବନଖଣ୍ଡ ଅଧୀନରେ ରେ ଥିବା ୭ ଗୋଟି ବନାଞ୍ଚଳ ରେ ବିଭିନ୍ନ ଯୋଜନା ରେ ଏହି ବର୍ଷ ୭, ୫୦,୦୦୦ ଗୋଟି ଚାର। ରୋପଣ କରିବା ପାଇଁ ଯୋଜନା କରାଯାଇ ଅଛି ଏବଂ ଜିଲ୍ଲା ସ୍ଥରୀୟ ଭଳି ପ୍ରତି ବନାଞ୍ଚଳରେ ୭୫ ତମ ମହୋତ୍ସବ ଜୁଲାଇ ୧ ତାରିଖ ରୁ ଜୁଲାଇ ୭ ତାରିଖ ପର୍ଜନ୍ତ ପାଳନ କରିବା ନିମନ୍ତେ ସରକାରୀ ସ୍ତର ରେ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ବନାଞ୍ଚଳ ନର୍ସରି ରୁ ନିଜ ନିଜ ବାଡି ବଗିଚା ଏବଂ ଅନୁଷ୍ଠାନ ରେ ଲୋଗେଇବା ନିମନ୍ତେ ବିଭିନ୍ନ ପ୍ରକାର ର ଚାର। ଉପଲବ୍ଧ ଥିବା ପ୍ରକାଶ କରିଥିଲେ । ସରକାର ଙ୍କ ନିର୍ଦ୍ଦେଶବଳୀ ଅନୁସାରେ SHG ମହିଳା ସଂଘ ମାଧମରେ ଅତିକମ ରେ ଗୋଟିଏ ଗୋଟିଏ ସଭ୍ୟ ୫ / ୧୦ ଗୋଟି ଚାର। ନିଜ ନିଜ ମାଁ ଙ୍କ ନାମ ରେ ଲୋଗଇବା କୁ ଅନୁରୋଧ କରିଥିଲେ । ଏହି କାର୍ଯକ୍ରମ କୁ ରାୟଗଡା ବନାଞ୍ଚଳ ଅଧିକାରୀ ଶ୍ରୀ କମେଶ୍ୱର ଆଚାରୀ ସୂଚାରୁ ରୂପେ ପରିଚାଳନା କରିଥିଲେ ଏବଂ ଶ୍ରୀ ଗୌରି ଶଙ୍କର ସାହୁ , ବନପାଳ , ରାୟଗଡା ଏବଂ ରାୟଗଡା ବନାଞ୍ଚଳ ର ସମସ୍ତ ବନପାଳ ଏବଂ ବନରକ୍ଷୀ ସହଯୋଗ କରିଥିଲେ ।

## ଆକ୍ସନ ମୁଡ଼ରେ ମହିଳା ସରପଞ୍ଚ

# ଅମାନିଆ ଭଡାଟିଆଙ୍କ ଦୋକାନ ସିଲ ପାଇଁ ନୋଟିସ

**ବିଷମକଟକ,(ମହାଭାରତ) :** ବର୍ଷ ବର୍ଷ ଧରି ପଞ୍ଚାୟତ ର ଦୋକାନ ଗୃହ, କଲ୍ୟାଣ ମଣ୍ଡପ, ବନ୍ଧ ଆଦିକୁ ବ୍ୟବହାର କଲେ, ନିଜେ ପଇସା କମେଇଲେ ହେଲେ ଭଡା ବାବଦରେ ଟଙ୍କା ଟିଏ ମଧ୍ୟ ଦେଲେ ନାହିଁ ଓ ବଜାର ଦର ଠାରୁ ପଞ୍ଚାୟତ ର ମାସିକ ଭଡା ପ୍ରାୟ ଦଶ ଗୁଣ ଠାରୁ କମ ଥିବା କାରଣ ରୁ ଦୋକାନ ଗୃହ ହାତେଇବା ପାଇଁ ଆଗଭର ହେଲେ ଭଡା ବାବଦରେ ଟଙ୍କା ଦେବା ପାଇଁ ଟିକିଏ ହେଲେ ଆଗ୍ରହ ନାହିଁ ଓ ତେବେ ଏଭଳି ଅମାନିଆ ମାନଙ୍କୁ ଉଚିତ ଜବାବ ଦେବା ପାଇଁ ଅଣ୍ଟା ଭିଡିଛନ୍ତି ବିଷମକଟକ ସରପଞ୍ଚ ନମିତା କୁଲିସିକା ଓ ଏହି ପରିପ୍ରେକ୍ଷୀ ରେ ଆଜି ସରପଞ୍ଚ ଶ୍ରୀମତୀ କୁଲୁସିକା ବିଷମକଟକ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଠାରେ ଥିବା ଚାରୋଟି ଭଡାଟିଆ ଙ୍କୁ ସାତ ଦିନ ମଧ୍ୟରେ ଟଙ୍କା ପୋଇଠ କରିବା ପାଇଁ ନୋଟିସ ଜାରି କରିଛନ୍ତି ଓ ନଚେତ ସାତ ଦିନ ପରେ ଉକ୍ତ ଦୋକାନ ଗୃହ ଗୁଡିକୁ ସିଲ କରାଯିବା ନେଇ ଚିଠି ରେ ଉଲ୍ଲେଖ ଥିବା ସୂଚନା ରହିଛି ଓ ସରପଞ୍ଚ ଙ୍କ ମୁତାବକ ସେ ୨୦୨୨ ରେ ନିର୍ବାଚିତ



ହୋଇ ଆସିବା ପର ଠାରୁ ପାଖା ପାଖି ଦୁଇ ବର୍ଷ ହେବ ପଞ୍ଚାୟତ ର ଦୋକାନ ଗୃହ ବ୍ୟବହାର କରୁଥିବା ଭଡାଟିଆ ମାନଙ୍କୁ ଭଡା ବାବଦରେ ଥିବା ବୋକେୟା ପରିଶୋଧ କରିବା ପାଇଁ ପାଞ୍ଚ ପାଞ୍ଚ ଥର ନୋଟିସ ଜରିଆରେ ନିବେଦନ କରିଥିଲେ ଓ ହେଲେ ସେମାନଙ୍କ ତରଫରୁ ଏ ଦିଗରେ କୌଣସି ଆଗ୍ରହ ଦେଖାଇ ନଥିବା ହେତୁ ବାଧ ହୋଇ ସେହି ଦୋକାନ ଗୃହ ସବୁକୁ ସିଲ କରିବା ନିଷ୍ପତି ନେଇଥିବା କୁହାଯାଉଛି ଓ ଆଜି ସରପଞ୍ଚ ନିଜ କାର୍ଯ୍ୟାଳୟ ର କର୍ମଚାରୀ ଙ୍କ ସହ ଉକ୍ତ ଦୋକାନ ମାନଙ୍କ ଆଗରେ ନୋଟିସ ଲଗାଇଥିବା ଦେଖିବାକୁ ମିଳିଛି ଓ ସିଲ କରାଯିବା ପାଇଁ ନୋଟିସ ଜାରି କରାଯାଇଥିବା ଚାରୋଟି ଦୋକାନ ମାନଙ୍କ ମଧ ରୁ ମାସକୁ ୪୫୦/- ଟଙ୍କା ଭଡା ହିସାବରେ ଜଣେ ଦୋକାନୀ ଙ୍କ ୬୮,୭୦୦/-, ଅନ୍ୟ ଜଣେ ୪୫,୦୦୦/-, ୩୬,୦୫୦/-, ୨୨,୯୦୦ ଏଭଳି ଜୁନ ୨୦୨୪ ସୁଦ୍ଧା ଭଡା ଟଙ୍କା ବୋକେୟା ରହିଥିବା ଜଣା ପଡିଛି ଓ ପ୍ରାପ୍ତ ସୂଚାନୁସାରେ ଉକ୍ତ ସ୍ଥାନ ର ଦୋକାନ ଘର ବ୍ୟତୀତ ପଂଚାୟତ ର ନିଜସ୍ୱ ଅନ୍ୟ ଦୋକାନ ଗୃହ ର ଭଡାଟିଆ ମାନେ ପ୍ରାୟ ୧୨ ରୁ ୧୪ ବର୍ଷ ହେବ ପାଖା ପାଖି ଅସି ହଜାର ଟଙ୍କା, ୨୦୧୮ ରୁ ୨୦୨୦ ର କଲ୍ୟାଣ ମଣ୍ଡପ ଭଡା ବାବଦରେ ୨,୯୭,୦୦୦/- ପର୍ଯ୍ୟନ୍ତ ଭଡା ନ ଦେଇ ନିଜ ମନାମାନୀ ଚଳାଇଛନ୍ତି ଓ ସେହି ସବୁ ଦୋକାନ ଗୃହ କୁ ମଧ ପର୍ଯ୍ୟାୟ କ୍ରମେ ସିଲ କରାଯାଇ ସେ ଗୁଡିକୁ ଖାଲି କରିଯିବା ପାଇଁ ପୋଲିସ ଓ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ସୂଚିତ କରାଯାଇଥିବା ସରପଞ୍ଚ ନମିତା କୁଲୁସିକା ପ୍ରକାଶ କରିଛନ୍ତି ଓ ଏଥି ସହିତ ପଞ୍ଚାୟତ ମଧ୍ୟରେ ଜଳ କର, ବଦ୍ୟୁତ କର ବାବଦରେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସମସ୍ତ ଙ୍କ ଠାରୁ ୟୁଜର ଫି ଆଦାୟ କରାଯିବ ଯାହା ଦ୍ୱାରା ପାନୀୟ ଜଳ ଓ ଆଲୋକୀକରଣ ର ସମସ୍ୟା କୁ ଦୂର କରାଯାଇ ପାରିବ ବୋଲି ଶ୍ରୀମତି କୁଲୁସିକା ସ୍ୱଷ୍ଟ କରିଛନ୍ତି ଓ ଏତେ ମାତ୍ରା ରେ ବୋକେୟା ଟଙ୍କା ରହୁଥିବା ହେତୁ ପଞ୍ଚାୟତ ର ନିଜସ୍ୱ ଆୟ ରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି ଓ ଯାହା ପାଇଁ ପାନୀୟ ଜଳ, ପରିମଳ ଓ ଆଲୋକୀ କରଣ ଭଳି ମୌଳିକ ସୁବିଧା ପାଇଁ ମଧ ପଞ୍ଚାୟତ କୁ ନାନା ସମସ୍ୟା ଦେଇ ଅତିକ୍ରମ କରିବାକୁ ପଡୁଥିବା ବିଷମକଟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନାରାୟଣ ବ୍ରମ୍ହା ପ୍ରକାଶ କରିଛନ୍ତି ଓ ତେବେ ଦୀର୍ଘ, ୨୫ ବର୍ଷ ବିଜେଡି ଦଳ ପଂଚାୟତ କୁ ନିଜ ଅକ୍ତିଆର ରେ ରଖିଥିବା ହେତୁ ଭଡା ଦିଆ ଯାଇଥିବା ଦୋକାନ ମାନଙ୍କ ମଧ୍ୟରୁ କଲ୍ୟାଣ ମଣ୍ଡପ ବ୍ୟତୀତ ଅନ୍ୟ କାହାରି ମଧ୍ୟବିଧି ବଦ୍ଧ ଚୁକ୍ତିନାମା ହୋଇ ନାହିଁ ଏଭଳି ସ୍ଥିତି ରେ ବୋକେୟା ଥିବା ସମସ୍ତ ଦୋକାନ ଘର କୁ ଅନାଧିକୃତ ଭାବେ ଦଖଲ କରୁଥିବା ଦୃଷ୍ଟି ରୁ ସେଗୁଡିକୁ ଖାଲି କରିବା ଦିଗରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ବାଟ ଫିଟିଥିବା ବୁଦ୍ଧିଜୀବୀ ସ୍ୱଷ୍ଟ କରିଛନ୍ତି ।

ମହାଭାରତ ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା



# ମୌସୁମୀର ଲୁଚକାଳି ଖେଳ ଋଷକଙ୍କ ପାଇଁ ସାଜିଛି କାଳ

## ତଳି ଶୁଖିଲା ପଡିଛି ଚିନ୍ତାରେ ଋଷୀ କୁଳ

ଆସିକା (ମହାଭାରତ): ମୌସୁମି ର ଲୁଚକାଳି ଖେଳ। ଏବେ ଋଷୀଙ୍କ ଲାଗି କାଳ ହୋଇଛି । ବିଳମ୍ବିତ ମୌସୁମୀ ଯୋଗୁ ଋଷୀକୁଳ ଏବେ ଚିନ୍ତାରେ । ବର୍ଷା ନହେବାରୁ ଋଷ କାର୍ଯ୍ୟ ଆଗେଇ ପାରୁନାହିଁ । ଆସିକା ବ୍ଲକରେ ଚଳିତ ଖରିଫ ଧାନଋଷ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି । ପାଣିପାଗ ବିଭାଗ ସୂଚନା ମୁତାବକ ଚଳିତ ବର୍ଷ ର୍ନିଦ୍ଧାରିତ ସମୟରେ ମୌସୁମୀ ଓଡିଶା ଉପକୂଳ ଛୁଇଁଛି ଓ ଜୁନ ମାସ ଦ୍ୱିତୀୟ ସପ୍ତାହରେ ପ୍ରାକ୍ ମୌସୁମୀ ବର୍ଷାକୁ ଦେଖୁ ଋଷୀକୂଳ ଋଷ କରିବାକୁ ସଜବାଜ ହୋଇଯାଇଥିଲେ । ଋଷ ସକାଶେ କ୍ଷେତ ପ୍ରସ୍ତୁତ କରି ସାରିଥିଲେ( ଜୁଲାଇ ମାସରେ ଆଜି ସୁଦ୍ଧା ୪୩ ମିଲି ମିଟର ବର୍ଷା ହେବା ଜାଗାରେ ୧୭ ମିଲି ମିଟର ବର୍ଷାରେକର୍ଡ ହୋଇଛି ) କିନ୍ତୁ ବର୍ଷା ନହେବାରୁ ଏବେ ଋଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଏପଟେ କେନାଲ ମଧ ଶୁଖିଲା ପଡିଛି । ରଜ ସମୟରୁ ଋଷୀ ଋଷ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଥାଏ । ମୌସୁମି ର ଆଗମନ ସୂଚନା ପାଇ ଧାନତଳି ପକାଇଥାଏ । ଏପରିକି କେତେକ ଋଷୀ ମଧ ଆଗୁଆ ଋଷ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଗଞ୍ଜାମ ଜିଲ୍ଲାରେ ମୁଖ୍ୟତଃ ଧାନଋଷ କରାଯାଇଥିବା ବେଳେ ଆସିକା ବ୍ଲକରେ ୭ ହଜାର ୨୧୩ହେକ୍ଟର ଜମିରେ ଏହି ଋଷ କରାଯାଏ ବୋଲି ଆସିକା କୃଷି ଅଧିକାରୀ ବାସୁଦେବ ସାହୁଙ୍କ ସୂତ୍ରରୁ ସୂଚନା ମିଳିଛି ହେଲେ ବର୍ତ୍ତମାନ ଜୁଲାଇ ମାସ ସୁଦ୍ଧା ମାତ୍ର ୧୫୦୩ ହେକ୍ଟର ଜମିରେ ଧାନ ବୁଣା ହୋଇଥିଲା ବେଳେ ୫୭୧ ହେକ୍ଟର ଜମିରେ ତଳି ପଡିଛି । ପ୍ରକାଶ ଥାଉକି ଆସିକା ଦେଇ ବଡ଼ନଦୀ ଓ ଋଷିକୂଲ୍ୟା ଦୁଇଟି ନଦୀ ପ୍ରବାହିତ ହୋଇଛି ବଡ଼ନଦୀ ପାର୍ଶ୍ୱରେ ବାଙ୍ଗରଡ଼ା, ଗହଙ୍ଗୁ, ବେଣାପାଟ, କମାଗଡ଼, ବାଲିଶିରା, ଗୁଣ୍ଡପଡା, ବାଲିଛାଇ, ଦେବଭୂମି, କାଳଷଣ୍ଡପୁର, ଆଲିପୁର, ସିଦ୍ଧନଈ, ଧନିଯା ଆଦି ପଞ୍ଚାୟତ ର ହେକ୍ଟର ହେକ୍ଟର ଋଷଜମି ରହିଥିଲା ବେଳେ ଋଷିକୂଲ୍ୟା ପାର୍ଶ୍ୱରେ ଜୟପୁର, ହରିଡ଼ାପଦର ପଞ୍ଚାୟତ ରହିଛି ଏହି ନଦୀର ଜଳକୁ ବ୍ୟବହାର କରି ଋଷୀ ଧାନ ସହିତ ବିଭିନ୍ନ ପନିପରିବା ଋଷ କରିଥାନ୍ତି ।ଏଭଳି ସ୍ଥିତିରେ ବର୍ଷା ଅଭାବରୁ ସ୍ଥାନୀୟ ଅଞ୍ଚଳର ପନିପରିବା ଅମଳ ମଧ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ବର୍ଷା ଅଭାବ ଯୋଗୁ ଋଷ କାମ ପଛେଇ ଯାଇଛି। ଜୁଲାଇ ମାସରେ ଯଦି ଆବଶ୍ୟକ ପରିମାଣରେ ବର୍ଷା ନହୁଏ ତେବେ ଚଳିତ ବର୍ଷ ମଧ ଖରିଫ ଧାନଋଷ ବିଳମ୍ବିତ ହେବା ସହ ଗତବର୍ଷ ଭଳି ଅମଳ ପ୍ରଭାବିତ ହେବକ୍ଷ ଗତ ବର୍ଷ ବିଳମ୍ବିତ ବର୍ଷା ଯୋଗୁ ଧାନଋଷ ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା । ଏପରିକି ସ୍ଥାନୀୟ ବ୍ଲକର କିଛି ଅଞ୍ଚଳରେ ଅକ୍ଟୋବର ମାସ ପର୍ଯ୍ୟନ୍ତ ଧାନରୁଆ କାମ ଋଲିବା ଦେଖୁବାକୁ ମିଳିଥିଲା ।

## ନୂତନ ସାଂସଦଙ୍କୁ ପାଟଣା ବ୍ଲକ ବିଭିନ୍ନ ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦୁଝର:-(ମହାଭାରତ) କେନ୍ଦୁଝର ଜିଲ୍ଲା ନୂତନ ସାଂସଦ ଅନନ୍ତ ଚରଣ ନାଏକ ଙ୍କୁ ସୋମବାର ପାଟଣା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସମସ୍ୟା ପଋରି ବୁଝିଛନ୍ତି। ଏହି ପରିଦର୍ଶନ ସମୟରେ ଟାଙ୍ଗରପଡା , କେନ୍ଦେଇପଶି, ଋକୁଣ୍ଡାପାଳ,ମୁରୁସୁଆଁ ଓ ରାଜନଗର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସାଂସଦ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଲୋକେ ଜଣାଇଛନ୍ତି । ଏହା ସହ ବିଭିନ୍ନ ଗ୍ରାମରେ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରି ଖୁବଶିଘ୍ର ସମସ୍ୟା ର ସମାଧାନ ପାଇଁ ପ୍ରତିଶୃତି ସାଂସଦ ଦେଇଛନ୍ତି ।ଏହି ପରିଦର୍ଶନ ସମୟରେ ବିଜେପି କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ,ଦିଲୀପ କୁମାର ସେଠୀ, ବିଜୟ ଗାରଡ଼ିଆ, ପ୍ରକାଶ ଗାରଡ଼ିଆ, ଚତୁର୍ଭୁଜ ମହାନ୍ତ ପ୍ରମୁଖ ବହୁ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇ ଥିବା ଦେଖିବାକୁ ମିଳିଛି ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ନବ ନିର୍ବାଚିତ ବିଧାୟକ

ବିଷମ କଟକ(ମହାଭାରତ):ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଚଉରାଗୁଡା ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଷମ କଟକ ଉଦ୍ୟାନ ବିଭାଗ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ନବ ର୍ନିବାଚିତ ବିଧାୟକ ନୀଳମାଧବ ହିକକା ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ପ୍ରାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଉରାଗୁଡ। ସରପଞ୍ଚ ଚଞ୍ଚଳା ୱାଡକା, କୃଷି ବିଭାଗର ଜେନାବାବୁ,ଉଦ୍ୟାନ ବିଭାଗର ରଘୁନାଥ ଚଲାଣ, ରାମଦାସ ଟାକ୍ରି, ନିଖିଲ ପଟ୍ଟନାୟକ, ଦୟା ୱାଡକା ଓ ବହୁ ସଂଖ୍ୟାରେ ଅଞ୍ଚଳ ବାସି ଉପସ୍ଥିତ ରହିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା ଶିକ୍ଷକ ଜାତିର କର୍ଣ୍ଣଧାର

ବେଗୁନିଆ,(ମହାଭାରତ) : ଶିକ୍ଷା କାରଖାନାର ଅନନ୍ୟ ବିଦ୍ଧାଣି ସେୟ ସେ ର୍ନିମାତା। ପ୍ରତି ସମୟ ସମୟରେ ମଣିଷ ଗଢ଼ିବାରେ ଶିକ୍ଷକ ବ୍ୟସ୍ତ। ଶିକ୍ଷକ ସମାଜ ନମସ୍ୟ ନମସ୍ୟ ବୋଲି ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କ କରିଥିଲେ। ବେଗୁ ନିଆ ବ୍ଲକର ପ୍ରାକ୍ତନ ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧ କାରୀ ତଥା କୋଚି ଆଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଧାନଶିକ୍ଷକ ଦାଶରଥି ପ୍ରଧାନଙ୍କ ଅବସରବାସରେ ସେବା ନିବୃତ ସମ୍ବର୍ଦ୍ଧନା ଉତ୍ସବ ଅଟ୍ରିସ୍ଥିତ ପ୍ରଭୁ ପ୍ରଭୁ ହଟକେଶ୍ୱର ଦେବଙ୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ଶିକ୍ଷକ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାପତି ରବିନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜ ଜନକରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଏବିଇଓ କୈଳାସ ସେଠି, ଚନ୍ଦ୍ରକାନ୍ତ ନାୟକ, ପ୍ରାକ୍ତନ ବିଇଓ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରାକ୍ତନ ଏବିଇଓ ଦିଲ୍ଲୀପ ମହାପାତ୍ର, ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଡ.ଗଣେଶ୍ୱର ସ୍ୱାଇଁ, ସଂଘ ଉପଦେଷ୍ଟା ବସନ୍ତ କୁମାର ପ୍ରହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁଧାକର ସେଠି ଅତିଥି ପରିଚୟ ଓ ଆବାହକ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସେବାନିବୃତ ଦାଶରଥି ପ୍ରଧାନଙ୍କୁ ମାନପତ୍ର, ଉପଢୌକନ, ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଇକ ସହ ବାଇକ ମୁହାଁ ମୁହିଁ ଧକ୍କା

କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୁଖ୍ୟ ବଜାର ରେ ଦୁଇ ବାଇକ ମୁହାମୁହିଁ ଧକ୍କା ଫଳରେ ଦୁଇଜଣ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି ହୋଇଛନ୍ତି। ସୂଚନା ରୁ ପ୍ରକାଶ ସନ୍ଧ୍ୟା ସମୟରେ ପାଟଣା ମୁଖ୍ୟ ବଜାର ନିକଟରେ ଜଣେ ମାଧପୁର ଗ୍ରାମ କମଳାକାନ୍ତ ମହାନ୍ତ କୌଣସି କାମ ସାରି ଘର ଫେରୁଥିବା ସମୟରେ ଅନ୍ୟ ଜଣେ ମୃସିଦାବାଦ ଜିଲ୍ଲା ର ବଙ୍ଗାଳୀ ଘର ର୍ନିମାଣ ମିସ୍ତ୍ରୀ ମୁକୁଲ ଖାଁ ମିଲ୍ଲିପଶିରୁ ପାଟଣା କୌଣସି କାମକୁ ନେଇ ଆସୁଥିବା ବେଳେ ବାଇକ ସହ ବାଇକ ଧକ୍କା ହୋଇ ଥିଲା । ବଜାର ଲୋକେ ଦେଖି ଦୁଇ ବାଇକ ଆରୋହି ଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଛନ୍ତି। କମଳାକାନ୍ତ ମହାନ୍ତ ଙ୍କ ମୁଣ୍ଡ ରେ ଗଭୀର ଆହତ ଲାଗିଥିବା ବେଳେ ଡାକ୍ତର ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି । ଘର ର୍ନିମାଣ ମିସ୍ତ୍ରୀ ମୁକୁଲ ଖାଁ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସିତ ହେଉଥିବା ଜଣାପଡିଛି ।

## ଜିନ୍ଦଲ ଦେବଭୂମିରେ ରଥ ଯାତ୍ରା ପାଳିତ, ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲେ ମହାବାହୁ



ଅନୁଗୋଳ,(ମହାଭାରତ): ଜିନ୍ଦଲ ଦେବଭୂମିରେ ଘୋଷଯାତ୍ରା ବେଶ୍ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା । ବଡ଼ ଠାକୁର ତାଳଧ୍ୱଜରେ, ଦେବୀ ସୁଭଦ୍ରା ଦର୍ପଦଳନରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ନନ୍ଦିଘୋଷରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଇଥିଲେ। କୁରୁକ୍ଷେତ୍ରରୁ ତୃତୀୟ ଥରପାଇଁ ବିଜୟ ଲାଭ କରିଥିବା ସାଂସଦ ତଥା ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଓ ତାଙ୍କ ଧର୍ମ ପତ୍ନୀ ଜେଏସପି ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଏବଂ ତାଙ୍କ ମା' ତଥା ଓ.ପି. ଜିନ୍ଦଲ ଗ୍ରୁପର ଅଧ୍ୟକ୍ଷ ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ। ନବୀନ ଜିନ୍ଦଲ ପହଣ୍ଡିରେ ଭାଗ ନେବା ସହ ଛେରା ପହଁରା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜୀ, କମ୍ପାନୀର ଅନୁଗୁଳ ମୁଖ୍ୟ ପଙ୍କଜ ମଲ୍ଲାନ, ର୍ନିବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସେମାନଙ୍କ ପରିବାର ସଦସ୍ୟ, ଅନ୍ୟ କର୍ମଋରୀ ଓ ସାଧାରଣ ଜନତା ମିଶି ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ପ୍ରକାଶ ଯେ ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ଜିନ୍ଦଲ ନଗରରେ କର୍ମଋରୀ ଏବଂ ଶ୍ରଦ୍ଧାଳୁଙ୍କୁ ଅଭଡ଼ା ପ୍ରସାଦ ବିତରଣ କରାଯିବ।


## ପାରଳାଖେମୁଣ୍ଡିରେ ରଥଯାତ୍ରା ଧୁମଧାମରେ ପାଳିତ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଦକ୍ଷିଣ ଓଡ଼ିଶାର ସବୁଠାରୁ ବଡ଼ ରଥଯାତ୍ରା ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇ ଯାଇଛି। ବର୍ଷା ସତ୍ତ୍ୱେ□ ଭକ୍ତ ମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସକାଶେ ଆସିଥିଲେ। ୫୨ ବର୍ଷ ପରେ ଗୋଟିଏ ଦିନରେ ନେତ୍ରୋତ୍ସବ,ନବ ଯୌବନ ଓ ରଥଯାତ୍ରା ଗୋଟିଏ ଦିନରେ ପଡିଥିଲା। ତେଣୁ ଭୋର ୩ ଟା ରୁ ୫ ଘଣ୍ଟା ମଧ୍ୟରେ ଶ୍ରୀ ଜୀଉଙ୍କ ଅଣସର ଓ ନେତ୍ରୋତ୍ସବ ନୀତିକାନ୍ତି ଶେଷ ହୋଇଥିଲା। ଏହା ପରେ ସକାଳ ୬ ଘଣ୍ଟା ସମୟରେ ନବ ଯୌବନବେଶ ଅନୁଷ୍ଠିତ ହୋଇଥିଲା ସକାଳ ୮ ଘଣ୍ଟାରୁ ତିନିରଥର ପ୍ରତିଷ୍ଠା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୂର୍ବାହ୍ନ ୧୧ ଘଣ୍ଟା



ଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହୋଇ ମଧାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ଋଲିଥିଲା। ଏବଂ ତାପରେ ମହାଦେଇ କଲ୍ୟାଣି ଗଜପତି ତିନି ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ସାଢ଼େ ୪ ଘଣ୍ଟା ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ।ରଥ ଟଣା ସମୟରେ ବିଭିନ୍ନ ସାଂସ୍କୃତିକ ଦଳ ସଂକୀର୍ତ୍ତନ ଦଳ ନୃତ୍ୟ କୀର୍ତ୍ତନ ସହ ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳିଥିଲା ରଥ ଟାଣିବା ପାଇଁ ହଜାର ହଜାର ଭକ୍ତ ମାନେ ସାମିଲ ହୋଇଥିଲେ। ମାଆ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣି ଥିଲେ। ଏହି ରଥ ଟଣା ସମୟରେ ଲୋକଙ୍କ ସେବା ପାଇଁ ଅଗ୍ନିଶମ ବିଭାଗ, ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ କେଡର ମାନେ ଜଳ ସିଞ୍ଚନ କରୁଥିବାର ଦେଖିବାକୁ ମିଳିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଜନ ସାଧାରଣଙ୍କ ନିମନ୍ତେ ଅଭଡ଼ା ପ୍ରସାଦ,ଆଦିତ୍ୟ ବାହୀନି ତରଫରୁ ଟଙ୍କ ତୋରାଣୀ,ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ଦଳ ପକ୍ଷରୁ ଦହି ପଣା ବଣ୍ଟନ କରୁଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସକାଶେ ପୋଲିସ ମୃତୟନ କରା ଯାଇଥିଲା। ତିନି ଠାକୁରଙ୍କ ରଥ ଗୁଣ୍ଡିଚା ବାଡ଼ିରେ ନିକଟରେ ପହଞ୍ଚି ଥିଲା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଧାର ବିବରଣୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ବନ ଖଣ୍ଡ ଅଧିକାରୀ ଏସ୍ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## କଚ୍ଛପ ଅବତାରରେ ଦର୍ଶନ ଦେଲେ ମହାପ୍ରଭୁ ଜଗନ୍ନାଥ



ବିଷମ କଟକ(ମହାଭାରତ): ଭଗବାନ୍ ଜଗନ୍ନାଥଙ୍କର ଦ୍ୱିତୀୟ ଅବତାର ।କଚ୍ଛପ ଅବତାର ଆଜି ପ୍ରଭୁ ଜଗନ୍ନାଥ ଏହି ଅବତାରରେ ପୂଜା ପାଇଛନ୍ତି। ଏହାକୁ ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି ପୁରାଣରେ ଅଛି। ଯୁଗେ ଯୁଗେ ଦେବତା ଓ ଅସୁର ମଧ୍ୟରେ ଘୋର କନ୍ଦଳ ହୋଇଥିଲା ।ବେଳେ ବେଳେ ଏମିତି ରାକ୍ଷସ ନିଜର ପ୍ରତିପତ୍ତି ଦେଖାନ୍ତି ,ଦେବତା ତ୍ରାହି ତ୍ରାହି ଡାକି ଥାନ୍ତି ।ଶେଷରେ ବିଷ୍ଣୁ ଅବତାର ନେଇ ସଂହାର କରନ୍ତି । ଏଥର କିନ୍ତୁ ଅମୃତ ପାନ କୁ ନେଇ କନ୍ଦଳୟଦେବତା ମାନେ ବ୍ରହ୍ମା ଙ୍କ ନିକଟରେ ପହଞ୍ଚିଲେ। ବ୍ରହ୍ମା ଭଗବାନ୍ ବିଷ୍ଣୁଙ୍କ ନିକଟକୁ ପଠେଇ ଦେଲେ। ଛଳରେ ବଳୀ କୁ ନେତା କରି ସମୁଦ୍ର ମ୍ୟନ କଲେ ଅମୃତ ବାହାରିବୟ ତାକୁ ପାନ କରିବ। ମନ୍ଦର ପର୍ବତକୁ ମ୍ୟଣୀ ଓ ବାସୁକି ନାଗକୁ ରଶି କରି ମ୍ୟନ କଲେ । ଧୀରେ ଧୀରେ ମନ୍ଦର ପର୍ବତ ସମୁଦ୍ର ଗର୍ଭ ରେ ତଳକୁ ତଳକୁ ଖସି ବାକୁ ଆରମ୍ଭ ହେଲା । ଭଗବାନ୍ ବିଷ୍ଣୁ ବାଧ ହୋଇ ନିଜେ କଚ୍ଛପ ରୂପ ଧାରଣ କରି ମନ୍ଦର ପର୍ବତକୁ ନିଜ ପିଠିରେ ରଖିଲେୟ ମ୍ୟନ ଶେଷ ହେଲା । ଦେବତାଙ୍କୁ ଅମୃତ ପାନ କରେଇଲେ ଓ ସ୍ୱୟଂ ମହେଶ ବିଷ ପାନ କରି ନୀଳକଣ୍ଠ ରୂପରେ ପୂଜା ପାଇଲେ।

## ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ରେ ଯୋଗ ଦେଲେ ବିଧାୟକ ଆକାଶ ଦାସ ନାୟକ

ଯାଜପୁର, (ମହାଭାରତ): ଆଜି କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ କରକମଣ୍ଡଳ ରେ ପାଟରଙ୍ଗା ପଡିଆ ଠାରେ ୭୫ତମ ବନ ମୋହତ୍ସବ ସପ୍ତାହ ପାଳନ ଅବସରରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ରେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଯାଜପୁର ରୋଡ ରେଞ୍ଜର ଜୋତିରଞ୍ଜନ ମହାପତ୍ର ଙ୍କ ତ୍ତାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ୧୦,୦୦୦ରୁ ଉର୍ଦ୍ଧ ବିଭିନ୍ନ କିସମ ର ଗଛ ରୋପଣ କରାଯାଇଥିଲା। ବୃକ୍ଷ୍ୟ ବିନା ବଞ୍ଚିବା ଅସମ୍ଭବ, ଗୋଟିଏ ଗଛ ଗୋଟିଏ ଜୀବନ, ମା ଯେଭଳି ଗୋଟେ ପିଲା ପାଇଁ ଜୀବନ ସେଭଳି ଗଛ ହେଉଛି ପ୍ରତେକ ମଣିଷ ପାଇଁ ଗୋଟେ ପ୍ରାଣ ଦାତା।

# ଗଜପତି ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ଉଦଘାଟିତ

ଗଜପତି(ମହାଭାରତ): ଜିଲ୍ଲା ପ୍ରଶାସନ ଓ ନୀତି ଆୟୋଗ ତରଫରୁ ଜିଲ୍ଲା ସ୍ତରୀୟ ସମ୍ପୁର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଶୁଭ ଉଦଘାଟନ ହୋଇଯାଇଛି । ଏହି ସମ୍ପୁର୍ଣ୍ଣତା ଅଭିଯାନ ୪ ଜୁଲାଇ ଠାରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଜିଲ୍ଲାର ଦୁଇ ଗୋଟି ଆକାଂକ୍ଷା ପଞ୍ଚାୟତ ସମିତି ଆର୍.ଉଦୟଗିରି ଓ ଗୁମ୍ମା ଅନ୍ତର୍ଗତ ସାମଗ୍ରିକ ବିକାଶ କ୍ଷେତ୍ରରେ ଆଗକୁ ନେବାକୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ସକାଳ ୫.୩୦ ମିନିଟ୍ ସମୟରେ ଅଟଳ ପାର୍କ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପ୍ରଭାତ ଫେରୀ ଶୋଭାଯାତ୍ରା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅୟୋଜନ କରଯାଇଥିଲା। ସେହିପରି ଜଗନ୍ନାଥ ମନ୍ଦିରର ଠାରୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏଥିରେ ଗୁମ୍ମା ବ୍ଲକର ଲାଞ୍ଜିଆ ସୌରା ଆଦିବାସି ଲୋକ ନୃତ୍ୟ, ସଂକୀର୍ତ୍ତନ ଦଳ ଓ ଓଡିଶୀ ନୃତ୍ୟ



କଳାକାର ମାନଙ୍କ ଦ୍ୱାରା ସହର ପରିକ୍ରମା କରିଥିଲେ। ପରେ ଏକ ସଧାରଣ ସଭା ଆୟୋଜନ କରାଯାଇଛି । ଏହି ସଭାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗୋମାଙ୍ଗ, ସମ୍ମାନୀତ ଅତିଥି ଭାବେ ପାରଳାଖେମୁଣ୍ଡ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ. ତିରୁପତି ରାଓ ନୀତି ପ୍ରକାଶ, ୟଙ୍ଗ ପ୍ରଫେସନାଲ,ନୀତି ଆୟୋଗ ନୂଆ ଦିଲ୍ଲୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ, ଉପ-ଜିଲ୍ଲାପାଳ ଅନୁପ ପଣ୍ଡା , ଦିଲ୍ଲିପ କୁମାର ବେହେରା, ପ୍ରକଳ୍ପ ପ୍ରଶାସକ, ସମ୍ପନ୍ନିତ ଆଦିବାସି ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଗଜପତି ଜିଲ୍ଲାର ସମ୍ପୁର୍ଣ୍ଣତା ଅଭିଯାନ ର ମୂଳ ଲକ୍ଷ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପୃଷ୍ଟି ଲକ୍ଷ୍ୟ ହାସଲ ସକାଶେ ଦୃଢ ସଂକଳ୍ପ ଦେଇ ନିରନ୍ତର ପ୍ରୟାସ ଜାରି ରଖିବା ପାଇଁ ସମସ୍ତ ବର୍ଗ ଓ ଶ୍ରେଣୀର ଲୋକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇ ଦେବା ଓ ସମସ୍ତ ଲୋକମାନଙ୍କ ଠାରେ ତୁରନ୍ତ ସେବା ଯୋଗାଇ ଦିଆଯିବାକୁ କହିଥିଲେ। ସମ୍ପୁର୍ଣ୍ଣତା ଅଭିଯାନର ସମସ୍ତ ଲକ୍ଷ୍ୟ ଗୁଡ଼ିକୁ ପୁରା କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଚିତ୍ରାଙ୍କନ, ସଂଗୀତ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଛି। ସେହିପରି ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆବର୍ତ୍ତନ ପାଣ୍ଠି ବଣ୍ଟନ କରଯାଇଛି ଯଥା ଗୋଷାଣୀ ବ୍ଲକ ଅନ୍ତର୍ଗତ ସାତ ମାଇଲ ର ଶ୍ରୀ ଉମାଶଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ କୁ ୧୦ ଲକ୍ଷ୍ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। କରୁଣା ସ୍ୱୟଂ ସହାୟକ ଗୋଷ୍ଠୀ କାଶୀନଗର କୁ ୫ ଲକ୍ଷ ଟଙ୍କା, ଶାନ୍ତିମୟୀ ପ୍ରଡକ୍ଟ ଦଳ ଗୁମ୍ମା ବ୍ଲକ୍ କୁ ୨ ଲକ୍ଷ୍ ଓ ଆଶା ପ୍ରଡକ୍ଟ ଗ୍ରୁପ୍ ତରଙ୍ଗଗଡ଼ ଗ୍ରାମପଞ୍ଚାୟତ କୁ ୨ ଲକ୍ଷ୍ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ୫୦ ଜଣ କୃଷକ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱିରାଜା ମଣ୍ଡଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବଳରାମ ସୁବୁଦ୍ଧି,ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାରୁ ଆସିଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।

## ସାପ କାମୁଡ଼ା ରେ ବାଳକର ମୃତ୍ୟୁ

କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପୁଟୁଳିଆ ଗ୍ରାମରେ ଘଟିଛି ଅଭାନୀୟ ଘଟଣା ସାପ କାମୁଡ଼ା ରେ ବାଳକ ର ମୃତ୍ୟୁ ଘଟିଛି ।ମୃତକ ବାଳକ ଦାଶରଥୀ ପାତ୍ର ଙ୍କ ପୁଅ ପଦ୍ମଲୋଚନ ପାତ୍ର ୧୬ବର୍ଷ ବୋଲି ଜଣାପଡିଛି । ସୂଚନା ରୁ ପଦ୍ମଲୋଚନ ରାତି ଖାଇ ସାରି ଘରଛାତ ଉପରେ ଶୋଇ ଥିବା ସମୟରେ କୌଣସି ବିଷାକ୍ତ ସାପ କାମୁଡି ଥିବା ବେଳେ ଭୋର ସକାଳୁ ପରିବାର ଲୋକେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରି ଥିଲେ । ପଦ୍ମଲୋଚନ ର ଚିକିତ୍ସିତ ଋଲିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ସଂଙ୍କଟ ହେବାରୁ ଡାକ୍ତର ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇ ଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଆମ୍ବୁଲାନ୍ସ ଯୋଗେ ନେଉ ଥିବା ସମୟରେ ପଦ୍ମଲୋଚନ ଙ୍କ ମୃତ୍ୟ ଘଟିଥିଲା ।ପରିବାର ଲୋକେ ବାଳକ ର ଜୀବନ ବଞ୍ଚିବା ଆଶା ନେଇ ଅନ୍ଧବିଶ୍ୱାସ କୁ ବିଶ୍ୱାସ କରି ଝଡାଫୁଙ୍କା କରି ଥିଲେ। ଏପରି ଘଟଣା ପାଟଣା ପୋଲିସ ଖବର ପାଇ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଁଞ୍ଚି ଶବ ଜବତ କରି ଥିଲା । ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରିବା ପରେ ଶବ କୁ ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଛି ।

## ଝରକା ଗ୍ରିଲ ଭାଙ୍ଗି ଅକଳାକନା ବୁଲାଇ ଦେଲେ ଚୋର

ହାଟଡିହ(ମହାଭାରତ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଗୋପ ଗ୍ରାମରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ କେସ ନଂ ୨୧୭/୨୦୨୪ ରେ ଏକ ମାମଲା ରୁଜୁ କରିଥିବା ବେଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଅଭିଯୋଗରୁ ଜଣାଯାଇଛି ଯେ ଅବସରପ୍ରାପ୍ତ ତହସିଲ କର୍ମଋରୀ ହାଟଡିହି ପଞ୍ଚାୟତ ଗୋପ ଗ୍ରାମର ଯତୀନ୍ଦ୍ର ବୈଠାଙ୍କ ପରିବାର ଲୋକ ଶନିବାର ରାତି ଖାଇପିଇ ଶୋଇଥିଲେ। କିନ୍ତୁ ଅନ୍ୟ ଏକ କୋଠରୀରେ ଥିବା ଆଲମୀରାରେ ସୁନା, ଗହଣା ଏବଂ ଟଙ୍କା ରଖିଥିଲେ । କିନ୍ତୁ ସେହି ଘରେ କେହି ଶୋଇନଥିଲେ। ଫଳରେ ଚୋର ମାନେ ଏହାର ସୁଯୋଗ ନେଇ ଘରର ପଛ ପଟ ଝରକା ଗ୍ରିଲ ଭାଙ୍ଗି ଦେଇ ଘର ଭିତରେ ପଶିଥିଲେ । ଏଥିସହ ଘର ଭିତର ପଟୁ କବାଟ ଦେଇ ଲୁଟପାଟ କରି ଫେରାର ହୋଇଯାଇଥିଲେ । ପରିବାର ଲୋକ ଉକ୍ତ କୋଠରୀକୁ ଯିବାକୁ ଋହିଁଲା ବେଳକୁ କବାଟ ବାହାରିନଥିଲା । ଘର ପଛ ପଟକୁ ଯାଇ ଦେଖିଲା ବେଳକୁ ଝରକା ଗ୍ରିଲ ଭାଙ୍ଗିଛି ।ଝିଅ ବାହାଘର ପାଇଁ ଆଗୁଆ କିଣିକି ଘରେ ରଖିଥିବା ପ୍ରାୟ ୧୦ ଲକ୍ଷ୍ୟ ଟଙ୍କା ମୂଲ୍ୟର ସୁନା, ଗହଣା, ଅଳଙ୍କାର ସବୁ ଚୋରି ହୋଇଥିବା ବେଳେ ୧୦ ହଜାର ଟଙ୍କା ମଧ ଚୋରି ହୋଇଯାଇଛି ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ବିଶ୍ୱର ବୃହତ୍ତମ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଁଞ୍ଚିଲା



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝରର ପ୍ରସିଦ୍ଧ ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରାର ଦ୍ୱିତୀୟ ଦିନରେ ରଥଟଣା ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଂଚିଛି। ରବିବାର ଦିନ ବିଭିନ୍ନ ନିତିକାନ୍ତି ଶେଷ ହୋଇ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ ମାତ୍ର ରଥଟଣା ହୋଇପାରନିଥିଲା। ସୋମବାର ଦିନ ହଜାର ହଜାର ଉଦ୍ଧବ୍ ଭକ୍ତଙ୍କ ଗହଣରେ ରଥଟଣା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ରବିବାର ଦିନ ଗୋଟିଏ ଦିନରେ ତିନି ନିତି ଯେପରିକି ନେତ୍ରୋତ୍ସବ,ଉଭାଯାତ୍ର ଓ ରଥଯାତ୍ରା ପଡିଥିବାରୁ ରଥଟଣା ହୋଇପାରି ନଥିଲା। ସୋମବାର ଦିନ ୧୦.୦୦ଟାରେ ରଥଟଣା ହୋଇ ଅପରାହ୍ନ ୧୨.୨୦ମିନିଟରେ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଥିଲା। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବଡଦାଣ୍ଡ ମଧଭାଗରେ ଗଳଗଣ୍ଡି ପୂଜା ସହ ରିତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇ ରଥ ପହଂଚିବା ପରେ ରାତି ୮.୦୦ରେ ଧାଡି ପହଣ୍ଡିରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଏସ୍ପି ନିତୀନ କୁଶଲକର,ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା,ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଟକୋ କୁଜୁର,ସଦର ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ରନାଥ ମୁର୍ମୁ,ସଦର ତହସିଲଦାର, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସକମାନଙ୍କ ଉପସ୍ଥିତିରେ ରଥଟଣା ସଂପନ୍ନ ହୋଇଥିଲା। ସେବାୟତ ଓ ପୂଜାପଣ୍ଡାମାନେ ବିଭିନ୍ନ ନିତି ଓ ରଥଟଣା ପରିଚାଳନାରେ ସହାୟତା କରିଥିଲେ। ରଥରେ ଶ୍ରୀଜୀଉମାନଙ୍କର ଅବକାଶ, ଶୁଖିଲା ଭୋଗ ଲାଗି ନିତି ଅନୁଷ୍ଠିତ ହୋଇଥିଲା।

## ବେଆଇନ୍ ଭାବେ ବାଲି ଚାଲାଣ କରୁଛନ୍ତି ମାଫିଆ

# ରୋକ ଲଗାଇବାପାଇଁ ଦାବି କଲା ବିଜେପି କୃଷକ ମୋର୍ଚ୍ଚା

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲା ବୈତରଣୀ ନଦୀ, କୁଶେଇ, ଅରଡ଼େଇ, ସମାକୋଇ, ମୁସଳ ପ୍ରଭୃତି ନଦୀ ମାନଙ୍କରୁ ଖୁଲମ ଖୁଲା ଭାବେ ଦିନ ଦ୍ୱିପହରରେ ବାଲି ମାଫିଆ ମାନେ ବେଆଇନ ଭାବରେ, ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଓ ରାଜ୍ୟ ଖଣିଜ ଲଘୁ ଦ୍ରବ୍ୟ ଆଇନକୁ ଉଲଂଘନ କରି ଚୋରା ବାଲି ଚାଲାଣ କରୁଛନ୍ତି ଏବଂ ସେଥିପ୍ରତି ଜିଲା ରାଜସ୍ୱ ବିଭାଗ, ଖଣି ବିଭାଗ ଓ ପୋଲିସ ପ୍ରଶାସନ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ତାହା ଚିନ୍ତା ଜନକ ବିଷୟ ଅଟେ । ବର୍ଷା ଋତୁରେ ବାଲି ଉତ୍ତୋଳନ ଉପରେ ଆଇନ ଅନୁଯାୟୀ ରୋକ ଥିବା ବେଳେ କେନ୍ଦୁଝର ଜିଲାରେ ବାଲି ମାଫିଆ ମାନେ ଖୁଲମ ଖୁଲାଭାବେ ଦୈନିକ ଦିନ ଦ୍ୱିପ୍ରହରରେ ୧୦ ଚକିଆ ରୁ ୧୬ ଚକିଆ ଶହ ଶହ ହାଇୱାରେ ବାଲି ପରିହନ କରାଯାଉଛି । ଜିଲା ପ୍ରଶାସନ, ଖଣି ବିଭାଗ ଓ ପୁଲିସ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । କେବଳ ନଦୀର ସ୍ଥାୟିତ୍ୱ, ନଦୀ ବନ୍ଧ ଓ ରାସ୍ତା ଘାଟ ସୁରକ୍ଷା ଦୃଷ୍ଟିରୁ ଏହା ବିପଦ ଜନକ ତାହା ନୁହେଁ, ବରଂ ବାଲି ମାଫିଆଙ୍କ ଅପରାଧିକ କାର୍ଯ୍ୟକଳାପ ଦୃଷ୍ଟିରୁ ମଧ ଏହା ଆହୁରି ଗମ୍ଭୀରତାର ବିଷୟ ଅଟେ । ଏହି ବାଲି ଚୋରା ଚାଲାଣରେ ବାର୍ଷିକ କେନ୍ଦୁଝର ଜିଲ୍ଲାର ଆନୁମାନିକ ୫୦୦ କୋଟି ଟଙ୍କାର ରାଜସ୍ୱ ହରାଉଛି । କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡର ହାଟଡ଼ିହୀ ତହସିଲର ହାବଳେଶ୍ୱର, ଡ଼ିମିରିଆ, ଅମୃତପୁର, ଜମ୍ବରା ଓ ଆନନ୍ଦପୁର ତହସିଲର ଫଟୁପଲ୍ଲୀ, ଘସିପୁରା ତହସିଲର ଦେଉଗାଁ, ପାଟଣା ତହସିଲର ଉଦୟପୁର, ରାଜ ନଗର, ତୁରୁମୁଙ୍ଗା, ଡୁମୁରିଆ, ଦୁର୍ଗାଦେଇପୁର, ପାଟଣା, ପ୍ରଭୃତି ସ୍ଥାନ ମାନଙ୍କରେ ବାଲି ମାଫିଆମାନେ ବେଆଇ ଭାବରେ ଦିନ ଦ୍ୱିପ୍ରହରରେ ଖୁଲମ ଖୁଲା ଭାବରେ ନଦୀ ପଠାରୁ ମେସିନ୍ ସାହାଯ୍ୟରେ ବଡ଼ ବଡ଼ ହାଇୱା ଟ୍ରକ ଓ ଟ୍ରାକ୍ଟର ସାହାଯ୍ୟରେ ଦୈନିକ ଶହଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ଜନସାଧାରଣଙ୍କ ତରଫରୁ ଏ ବିଷୟରେ ସରକାରୀ ପ୍ରଶାସନ ଓ ପୋଲିସକୁ ଅଭିଯୋଗ କରାଯାଉଥିଲେ ମଧ କୌଣସି ପ୍ରତିକାର କରାଯାଉ ନାହିଁ । ପ୍ରକାଶ ଥାଉକି ଏହି ଚୋରା ବାଲି କାରବାରରେ ସ୍ଥାନୀୟ ପ୍ରଶାସନିକ ଅଫିସର ଓ କର୍ମଚାରୀ ଏବଂ ପୋଲିସ ଅଧିକାରୀ, ଖଣି ବିଭାଗ ଅଧିକାରୀ ମାନେ ସଂପୃକ୍ତ ଥିବାର ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଥାଉକି ବାଲି ଘାଟ ନିଲାମଧାରୀମାନେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଓ ରାଜ୍ୟ ଲଘୁ ଖଣିଜ ଦ୍ରବ୍ୟ ଆଇନକୁ ଉଲଂଘନ କରି ବାଲି ଉତ୍ତୋଳନ କରୁଛନ୍ତି । ସରକାରୀ ନିୟମ ଅନୁଯାୟୀ ବର୍ଷା ଋତୁରେ ଜୁନ୍ ୧୪ ଠାରୁ ୪ ମାସ ପର୍ଯ୍ୟନ୍ତ ବାଲିଘାଟ ବନ୍ଦ ରହିବା କଥା କିନ୍ତୁ ଏହି ନିୟମକୁ ଉଲଙ୍ଘନ କରି ବର୍ତ୍ତମାନ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଭାବରେ ନଦୀ ପଠା ମାନଙ୍କରୁ ଦିନକୁ ଶହ ଶହ ଟ୍ରିପ୍ ବାଲି ବାହାର ରାଜ୍ୟକୁ ବେଆଇନ ଭାବେ ଦିନ ଦ୍ୱିପ୍ରହରରେ ଚାଲାଣ କରାଯାଉଛି। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଆଇନ ଅନୁଯାୟୀ ଦିନ ୭ଟାରୁ ଅପରାହ୍ନ ୪ ଘ ଘଟିକା ପର୍ଯ୍ୟନ୍ତ ବାଲି ଉତ୍ତୋଳନ କରିବା କଥା କିନ୍ତୁ ନିଲାମଧାରୀ ମାନେ ଏ ଆଇନକୁ



ବେଖାତିର କରି ଦିନ ରାତି ବାଲି ଚାଲାଣ କରୁଛନ୍ତି । ଆଇନ ଅନୁଯାୟୀ ଲୋକ ମାନଙ୍କ ଦ୍ୱାରା ଗାଡ଼ିରେ ବାଲି ବୋଝେଇ କରିବା କଥା କିନ୍ତୁ ବାଲି ଘାଟ ନିଲାମଧାରୀ ମାନେ ମେସିନ୍ ସାହାଯ୍ୟରେ ବାଲି ବର୍ଷ ବର୍ଷ ଧରି ଉତ୍ତୋଳନ କରି ଆସୁଛନ୍ତି । ଭାରୀଯାନରେ ବାଲି ପରିବହନ କରିବା ଦ୍ୱାରା ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି । ଏସବୁ ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୁଲିସ ନୀରବ ରହିବା ଅତ୍ୟନ୍ତ ପରିତାପର ବିଷୟ। ଏହି ଅବାଧ ଓ ଅବୈଧ ବାଲି ଚୋରାଚାଲାଣକୁ ରୋକିବା ଉପରେ ପଦକ୍ଷେପ ନେବାପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ରାଜ୍ୟ ସଂଯୋଜକ ହରି ମହାନ୍ତ, ବିଜେପି ର ମିଡ଼ିଆ ସଂଯୋଜକ ବ୍ରଜ କିଶୋର ରାୟ,ପ୍ରକାଶ ସୂତ୍ରଧର, ସତ୍ୟଜିତ ସାମନ୍ତରାୟ ପ୍ରମୁଖ ଜିଲାପାଳ ଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ସବିଶେଷ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଛନ୍ତି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସେବା ଶିବିର



**ଗଜପତି,(ମହାଭାରତ) :** ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପବିତ୍ର ରଥ ଯାତ୍ରା ଉପଲକ୍ଷେ ଓଡିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡସ, ଭୁବନେଶ୍ୱର ଆନୁକୂଲ୍ୟରେ ଗଜପତି ଜିଲ୍ଲା ଭାରତ ସ୍କାଉଟସ ଏବଂ ଗାଇଡସ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଉଦଘାଟନ କରିଥିଲେ।ପୂର୍ବତନ ଜିଲ୍ଲା ବିଜ୍ଞାନ ନୀରିକ୍ଷକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକ,ଜିଲ୍ଲା ଗାଇଡ୍ସ କମିଶନର ଏସ ମଣିମାଳା, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନସ୍ୱିନି ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାର ଭାରପ୍ରାପ୍ତ କ୍ରୀଡା ନିରୀକ୍ଷକ ତଥା ଜିଲ୍ଲା ଭାରତ ସ୍କାଉଟସ ଏବଂ ଗାଇଡସ ସମ୍ପାଦକ ସୁରେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଏ ରବି କୁମାର, ସ୍କାଉଟସ ମାଷ୍ଟର ଧୀରେନ୍ଦ୍ର ସାମଲ,ପ୍ରିୟଦର୍ଶୀ ମିଶ୍ର , ତପସ୍ୱିନୀ ପଣ୍ଡା,ପରମେଶ୍ୱର ନାୟକ, ଅଜୟ ବିଶ୍ୱାଳ, କିଶୋର ଦାସ,ମିଶାଲ ଗୁନୟା, ଯୋଛୋନା ରଇତ, ପ୍ରକାଶ ବର୍ଦ୍ଧନ,ଦିଲେଶ୍ୱର୍ ତୃନ୍, ପ୍ରଦୀପ ସାମଲ ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ସେବା ଶିବିରରେ ମିଠା ଖେଚୁଡ଼ି, ଓ ଆର ଏସ ଜଳ, ପାନୀୟ ଜଳ ବଣ୍ଟନ କରାଯାଇଥିଲା ଏବଂ ଭକ୍ତ ମାନଙ୍କୁ ଗରମରୁ ଲାଘବ କରିବା ଉଦ୍ଦେଶ୍ୟ ରେ ପାଣି ଛିଞ୍ଚନ କରାଯାଇଥିଲା। ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ର ଚିଫ କମିଶନର ତଥା ନେସନାଲ ଭାଇସ ପ୍ରେସିଡେଣ୍ଟ ଡ କାଳି ପ୍ରସାଦ ମିଶ୍ର ଙ୍କ ନିର୍ଦ୍ଦେଶ କ୍ରମେ ଏହି ସେବା ଶିବିର ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଜଣାଯାଇଛି।

# ପାରାଦୀପର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ






**ପାରାଦୀପ,(ମହାଭାରତ) :** ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ସମାଜ ପକ୍ଷରୁ ପବିତ୍ର ରଥଯାତ୍ରା ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସମାଜର ଆଦ୍ୟ ସେବକ ତଥା ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ସେବାୟତମାନଙ୍କ ଗହଣରେ ଆସି ଜଗନ୍ନାଥ ମନ୍ଦିରରେ ପହଂଚିଥିଲେ। ଶ୍ରୀଜୀୟୁମାନଙ୍କ ପୂଜାର୍ଚ୍ଚନା କରିବା ପରେ ରଥ ଉପରେ ଛେରା ପହଂରା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହା ପରେ ରଥଟଣା ଆରମ୍ଭ ହୋଇଥିଲା । ଶ୍ରୀ ହରନାଦ ସସ୍ତୀକ ଭକ୍ତମାନଙ୍କ ଗହଣରେ ରଥ ଟାଣି ଥିଲେ। ସଂଧ୍ୟାରେ ରଥ ଗୁଣ୍ଡିଚା ମନ୍ଦିରରେ ପଂଚିଥିଲା। ପାରାଦୀପ ଅଂଚଳର ଭକ୍ତମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ଟାଉନସିପ୍ ପରିସରରେ ରଥଯାତ୍ରା ପାଳିତ ହୋଇଯାଇଛି । ମହାପ୍ରଭୁଙ୍କ ଆଗମନରେ ଭକ୍ତମାନେ ସାମିଲ ହୋଇ ଭଜନ,କୀର୍ତ୍ତନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ପାରାଦୀପ ରିଫାଇନାରୀ ମନ୍ଦିରରୁ ଆରମ୍ଭ ହୋଇଥିଲା ରାସ୍ତାରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ କରିଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଇଫକୋର ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଛେରା ପହଂରା କରିବା ପରେ ରଥଯାତ୍ରା ଆରମ୍ଭ ହୋଇଥିଲା । ଇଫକୋ ଟାଉନସିପ୍ର ଅଧିବାସୀ ମହାପ୍ରଭୁଙ୍କ ଏହି ଯାତ୍ରାରେ ସାମିଲ ହୋଇଥିଲେ । ଭକ୍ତିମୟ ପରିବେଶ ମଧରେ ରଥଯାତ୍ରା ଶୃଙ୍ଖଳିତ ଭାବେ ସାମାପିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ବୈଠକ



**କଳାହାଣ୍ଡି,(ମହାଭାରତ) :** ପଞ୍ଚମ କଳାହାଣ୍ଡି ଜିଲ୍ଲା ସ୍ତରୀୟ ବ୍ୟାଡ୍ମିଣ୍ଟନ ପାଇଁ କଳାହାଣ୍ଡି ଭବାନୀ ପାଟଣା ଠାରେ ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ କରାଯିବ ବୋଲି କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଆସନର ସାଧାରଣ ବୈଠକରେ ନିର୍ଦ୍ଧାରିତ ହୋଇଅଛି ।ପ୍ରକାଶ ଥାଉ କି ଯେ ଗତକାଲି ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି ।ଉକ୍ତ ସଭାରେ ରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତ ଚମ୍ପିୟାନଶିପ ରେ କନିଷ୍ଠ ବିଭାଗ ଠାରୁ ଆରମ୍ଭକରି ଭେଟେରାନ ବିଭାଗରେ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳ ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଯୋଗ୍ୟ ବିବେଚିତ ଖେଳାଳି ଆଗକୁ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ରେ ଭାଗ ନେବେ ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଥିଲା ।ଶେଷରେ ଜିଲ୍ଲାରେ କିଭଳି ଭଲ ଖେଳାଳି ବାହାରିବେ ତାନେଇ ଆଗକୁ ଜିଲ୍ଲା ପ୍ରଶାସନର ସାହାଯ୍ୟ ନେଇ ଭବାନୀପାଟଣା, ଜୁନାଗଡ, ଧର୍ମଗଡ, କେସିଙ୍ଗା, ନର୍ଲା ଓ ମଦନପୁର ରାମପୁରରେ କୋଚିଂ ପ୍ରତି ଧ୍ୟାନ ଦିଆଯିବ ବୋଲି ସଭାପତି ମତପୋଷଣ କରିଥିଲେ।

# ବିଶିଷ୍ଟ କ୍ରୀଡ଼ାବିତ୍ କିଶୋର ରଥଙ୍କ ପ୍ରତିଭା



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଲକ୍ଷ୍ମୀ ନଗରରେ ବରିଷ୍ଠ କ୍ରୀଡ଼ାବିତ୍କିଶୋର କୁମାର ରଥ ବାସ କରନ୍ତି। ପିଲା ଦିନରୁ କ୍ରୀଡ଼ା ପ୍ରତି ତାଙ୍କର ଆଗ୍ରହ ରହିଥିଲା ।ପାଠ ପଢିବା ସମୟରେ ନିଜ ଗ୍ରାମରୁ ସହପାଠୀଙ୍କ ସହ ସ୍କୁଲ ଆସିବାକୁ ସହପାଠୀଙ୍କ ଦୌଡ଼ ପ୍ରତିଯୋଗିତା କରି ଆସି ସ୍କୁଲରେ ପହଞ୍ଚୁ ଥିଲେ ।ସେହି ଦିନ ଠାରୁ କ୍ରୀଡ଼ା ପ୍ରତି ଆକୃଷ୍ଟ ଥିବାର ସେ କହିଛନ୍ତି ।ସେ ଜାତୀୟ ସ୍ତରରେ ଓ ଆନ୍ତଃଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଶ୍ରୀ ରଥ ୨୦୧୬ , ୧୭ ଠାରୁ ୨୦୨୩, ୨୪ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇ ପ୍ରଶଂସିତ ହୋଇ ଛନ୍ତି ।ଜାତୀୟ ସ୍ତରରେ ଓ ଆନ୍ତଃ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ , ରୌପ୍ୟ ପଦକ, ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ମାନୀତ କରାଯାଇଛି ।ଏହି ଭଳି ପ୍ରତିଭା ବାନ୍ କ୍ରୀଡ଼ା ବିତଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। କଥା ରେ ଅଛି ଦୃଢ଼ ଇଚ୍ଛା ଶକ୍ତି ଥିଲେ ବୟସ ବି ସେଠାରେ ହାର ମାନିଯାଏ ।ସେହିଭଳି ପ୍ରତିଭାବାନ୍ କିଶୋର ରଥ ବୟସର ଅପରାହ୍ନରେ ମଧ ତାଙ୍କର କ୍ରୀଡ଼ା ପ୍ରତି ଆକୃଷ୍ଟ ରହିଛି। ନୂତନ ପିଢୀଙ୍କୁ କ୍ରୀଡା ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି।

# ‘ରଙ୍ଗଣୀ ଶ୍ରୀ’ ପୁସ୍ତକ ଲୋକାର୍ପିତ

**ବେଗୁନିଆ,(ମହାଭାରତ) :** ବେଗୁନିଆ ଥାନା ଧଳାପଥର ଗ୍ରାମର ବୃନ୍ଦାବନ ସାହୁଙ୍କ ଦ୍ୱାରା ଲିଖିତ ‘ରଙ୍ଗଣୀ ଶ୍ରୀ’ ପୁସ୍ତକ ଲୋକାର୍ପିତ ହୋଇଛି। ଭୁବନେଶ୍ୱର ସାମନ୍ତରାପୁ ରସ୍ଥିତ ମା’ଘର ପରିସରରେ ଆୟୋଜିତ ଉତ୍ସବରେ ଚିତ୍ରକୂଟ ଧାମର ଜଗତଗୁରୁ ରାମଭଦ୍ରଜୀ ମହାରାଜଙ୍କ କରକମଳରେ ପୁସ୍ତକ ଉନ୍ମୋଚିତ ହୋଇଛି। ଅନ୍ୟମାନଙ୍କ ମଧରେ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ଦିଲ୍ଲୀପ କୁମାର ପଣ୍ଡା, ଶିଳ୍ପପତି ଦିଲ୍ଲୀପ ଖଣ୍ଡେଲାଲ, ସମାଜସେବୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ସମେତ ବହୁ ଜ୍ଞାନୀ ଗୁଣୀ, ସମାଜସେବୀ ଉପସ୍ଥିତ ଥିଲେ। ଶାକାହାରୀ ରଙ୍ଗଣୀ ସମାଜର ସୃଷ୍ଟି, ନୀତି, ଆଦର୍ଶ ଆଦି ରଙ୍ଗଣୀ ଶ୍ରୀ ପୁସ୍ତକରେ ସ୍ଥାନିତ ହୋଇଛି। ରଙ୍ଗଣୀ ଜାତି ପାଇଁ ଏହା ଉପାଦେୟ ପୁସ୍ତକ ଭାବେ ଉଭା ହେବ ବୋଲି ପୁସ୍ତକର ମୁଖ୍ୟ ସଂପାଦକ ସାମ୍ବାଦିକ ରମେଶ ରଞ୍ଜନ ସାହୁ କହିଛନ୍ତି।

# ହିନ୍ଦୋଳ ଉପଖଣ୍ଡରେ ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ପାଳିତ




**ହିନ୍ଦୋଳ,(ମହାଭାରତ) :** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସର ରେ ହିନ୍ଦୋଳ ଉପଖଣ୍ଡର ଗାଁ ଠୁ ସହର ସବୁଠି ଆନନ୍ଦ ଉଲ୍ଲାସର ସହ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହିନ୍ଦୋଳ ସଦର ମହକୁମାରେ ଦୁଇଗୋଟି ରଥ ପରିବର୍ତ୍ତେ ତିନୋଟି ରଥ ନିର୍ମାଣ ହୋଇଥିବା ବେଳେ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶାସନର ସହଯୋଗରେ ରଥନିତି ଅନୁଷ୍ଠିତ ହେବାପରେ ଚତୁର୍ଦ୍ଧାମୁର୍ତ୍ତିଙ୍କର ନିର୍ଦ୍ଧାରିତ ସମୟରେ ଧାଡିପହଣ୍ଡି ଆରମ୍ଭ ହୋଇଥିଲା ,ଏହା ପରେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂ ଦେଓଙ୍କ ଦ୍ୱାରା ଛେରାପହଁରା ନିତି ସାରିବା ପରେ ଶହଶହ ଭକ୍ତ ମାନଙ୍କ ମଧରେ ରଥ ଟଣା ଆରମ୍ଭ ହେଇଥିଲା ।ଏହି ଗଣ ପର୍ବକୁ ସୁରୁଖୁରୁରେ ପରିଚାଳନା କରିବାରେ ହିନ୍ଦୋଳ ପ୍ରଶାସନକୁ ଏନ୍, ସି,ସି, ରେଡକ୍ରସ୍, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ବିଶେଷ ସହଯୋଗ ଦେଖିବାକୁ ମିଳିଥିଲା। ହଜାର ହଜାର ଲୋକଙ୍କ ଭିଡ଼କୁ ହିନ୍ଦୋଳ ପୋଲିସ୍ ବାହିନୀ, ଅଗ୍ନିଶମ ବିଭାଗ ଆୟତ କରିଥିଲେ। ଗୁଳୁଗୁଳି ପାଗକୁ ଖାତିର ନକରି ବହୁଶ୍ରଦ୍ଧାଳୁ ରଥ ଟଣାରେ ଭାଗନେଇଥିବା ଦେଖିବାକୁ ମିଳିଥିଲା।

# ଜଙ୍ଗଲ ଜମି କୁନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା

## ଗୁରୁତରଙ୍କ ମଧ୍ୟରୁ ଜଣେ ମୃତ ଘଟଣାରେ ଥାନାରେ ୪ ଅଟକ

**କରଞ୍ଜିଆ,(ମହାଭାରତ) :** ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଚାନ୍ଦିଖମଣ ଗ୍ରାମରେ ଗତ ଶନିବାର ଜଙ୍ଗଲ ଜମି କୁ ନେଇ ଦୁଇ ଗୋଷ୍ଠୀ ମଧରେ ରକ୍ତାକ୍ତ ସଂଘର୍ଷ ଘଟଣାରେ ଗୁରୁତର ଙ୍କ ମଧ୍ୟରୁ ରବିବାର ରାତିରେ କଟକ ବଡ ମେଡିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଜଣକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି କେଶଡ଼ିହା ଗ୍ରାମର ସିଙ୍ଗରାୟ ଖୁଣ୍ଟିଆ (୫୦) ବୋଲି ଜଣାପଡ଼ିଛି ।ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ପରିବାର କୁ ହସ୍ତାନ୍ତର କରାଯାଇଛି। ପୋଲିସ ଉପସ୍ଥିତି ରେ ସକାରୁଳ ପରିବେଶ ରେ ଶବକୁ ସତ୍କାର କରିଛନ୍ତି ପରିବାର ଲୋକେ। ଗୁରୁତର ଙ୍କ ମୃତ୍ୟୁ ପରେ ମୃତକ ଙ୍କ ଭାଇ ମେଇକା ଖୁଣ୍ଟିଆ ମହୁଲଡ଼ିହା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୪ ଜଣଙ୍କୁ ଆଣି ଥାନାରେ ଅଟକ ରଖି ତଦନ୍ତ କରୁଛି। ମୃତ୍ୟୁ ଘଟଣା ଦିନ ଠାରୁ ଚାନ୍ଦିଖମଣ ଗ୍ରାମରେ ୧୪୪ ଧାରା ଜାରି ହୋଇ ସେଠାରେ ଗଣ୍ଡଗୋଳ ଆଶଙ୍କା ରେ ପୋଲିସ ମୃତୟନ ହୋଇଛନ୍ତି। ଗୋଷ୍ଠୀ ସଂଘର୍ଷ ରେ ଅନ୍ୟ ଗୁରୁତର ମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଥାଉକି କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦିଖମଣ ଜଙ୍ଗଲ କୁ ସଫା କରି ବହୁ ବର୍ଷ ପୂର୍ବରୁ କିଛି ଲୋକ ଗ୍ରାମ ସ୍ଥାପନ କରି ରହିଆସୁଥିଲେ ।କିଛି ବର୍ଷ ପୂର୍ବରୁ ବିଭିନ୍ନ ସ୍ଥାନରୁ ଲୋକେ ଆସି ଚାନ୍ଦିଖମଣ ଗ୍ରାମ ନିକଟରେ ଜଙ୍ଗଲ ସଫା କରି ଘର କରିବା ସହ ଅସ୍ଥାୟୀ ଭାବରେ ପାଲ ଟାଣି ରହିଥିଲେ। ପୂର୍ବରୁ ଥିବା ଲୋକଙ୍କ ସହିତ ଏହି ନୂଆ ଆସିଥିବା ଲୋକ ମାନଙ୍କ ମଧରେ ଜଙ୍ଗଲ ଜମିକୁ ନେଇ ବିବାଦ ପୂର୍ବରୁ ହୋଇ ଆସିଥିଲା ।ବିବାଦ ଯୋଗୁଁ ଜଙ୍ଗଲ ଜମି ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁଉଦ୍ୟମ କରାଯାଇ ଗତ ମାସ ୨୮ ତାରିଖ ଦିନ ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିବାରୁ ସେ ଦିନ ମାପ ନ କରି ପାରି ପ୍ରଶାସନ ଫେରି ଆସିଥିଲା ।ଗତ ଶନିବାର ଦିନ ପ୍ରାୟ ୧୧ ଟା ସମୟରେ ଏହି ଜମି କୁ ନେଇ ଉଭୟ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଥିଲା। ନୂଆ ବସ୍ତି ଓ ପୁରୁଣା ବସ୍ତି ର ଶତାଧିକ ଲୋକେ ମାରଣାସ୍ତ୍ର ସହ ଠେଙ୍ଗା ବାଡ଼ି ଧରି ଉଭୟ ପକ୍ଷ ଙ୍କ ମଧରେ ଆକ୍ରମଣ ହୋଇଥିଲା ।ଗଣ୍ଡଗୋଳ ସମୟ ମଧରେ ଉଭୟ ଗୋଷ୍ଠୀ ର ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ଲୋକେ ଘଟଣାସ୍ଥଳ ରେ ଏକତ୍ରିତ ହୋଇ ଯାଇ ଉଭୟ ଉଭୟ ଙ୍କୁ ଆକ୍ରମଣ କରିଥିଲେ ।ଏହି ଘଟଣା ରେ ସେଦିନ ୨୧ ଜଣ ଆହତ ହୋଇଥିବା ବେଳେ ୮ ଜଣ ଗୁରୁତର ହୋଇ ଥିଲେ ।ଘଟଣା ଦିନ ଉଭୟ ଗୋଷ୍ଠୀ ର ଲୋକେ ଠାକୁରମୁଣ୍ଡା- ଉଦଳା ରାସ୍ତା ର ଚମ୍ପାଝର ନିକଟ ରେ ପୃଥକ ପୃଥକ ସ୍ଥାନରେ ୪ ଘଣ୍ଟା ଧରି ରାସ୍ତା ରୋକ କରିଥିଲେ। ପ୍ରଶାସନ ପକ୍ଷରୁ ଜମି ମାପ ହେବା କୁ ପ୍ରତିଶ୍ରୁତି ପରେ ସେ ଦିନ ରାସ୍ତା ରୋକ ହଟିଥିଲା। ଉଭୟ ପକ୍ଷ ଏନେଇ ମହୁଲଡ଼ିହା ଥାନାରେ ମାମଲା ରୁଜୁ କରିଛନ୍ତି।

# ଆସିକାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ନବ ଯୌବନ ଦର୍ଶନ



**ଆସିକା,(ମହାଭାରତ) :** ଆସିକାର ତଥା ଏହାର ଆଖପାଖ ବିଭିନ୍ନ ଗ୍ରାମ ଠାରୁ ଆରମ୍ଭକରି ସହରରେ ଥିବା ଜଗନ୍ନାଥ ମନ୍ଦିର ମାନଙ୍କରେ ନବ ଯୌବନ ଦର୍ଶନ ସହ ରଥଟଣା ନୀତି ସମ୍ପର୍ଣ୍ଣ ହୋଇଛି । ପ୍ରାତଃ ସମୟରୁ ଦ୍ୱାରଫିଟା ନୀତି, ମଙ୍ଗଳଆରତୀ, ଅବକାଶ, ମଇଲମ, ତଡପଲାଗି, ଦ୍ୱାର ପୂଜା, ସ୍ୱତନ୍ତ୍ର ବେଶ କରାଯାଇଥିଲା । ଦୀର୍ଘ ବର୍ଷ ର ବ୍ୟବଧାନ ପରେ ଆଜି ଗୋଟିଏ ଦିନରେ ନବ ଯୌବନ ଦର୍ଶନ ସହ ରଥ ପ୍ରତିଷ୍ଠା ଏବଂ ରଥ ଟଣା ନୀତି ଅନୁଷ୍ଠିତ ହୋଇଥିଲା । ପ୍ରାତଃ ରୁ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ହୋମ କରାଯାଇ ପ୍ରଥମେ ନବ ଯୌବନ ଦର୍ଶନ କାର୍ଯ୍ୟ ସମାପନ ପରେ ରଥ ଖଳା ରେ ଥିବା ରଥ ଗୁଡ଼ିକୁ ପ୍ରତିଷ୍ଠା କରାଯାଇଥିଲା । ଏହାପରେ ଚତୁର୍ଦ୍ଧାମୂର୍ତ୍ତି ମାନଙ୍କୁ ପହଣ୍ଡି କରାଯାଇଥିଲା । ରଥ ଉପରେ ବନ୍ଦାପନା, ବେଶ, ଆଳତୀ ସମେତ ସମସ୍ତ ରୀତିନୀତି ସମ୍ପର୍ଣ୍ଣ କରାଯାଇଥିଲା । ଏହାପରେ ନୀତି ଅନୁସାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆସିକା ସୁନାମ୍ବ ସାହି ବିଜେ ଜଗନ୍ନାଥ ମନ୍ଦିର ନିକଟରେ ମାନ୍ୟବର ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଅଗ୍ନିକ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ଇ.ରାକେଶ କୁମାର ପାତ୍ର, ମନ୍ଦିର ପରିଚାଳନା ସଭାପତି ନାରାୟଣ ମୁନି, ସଂଦୀପ ପାଢ଼ୀ, ପ୍ରମୁଖ ରଥ ଟଣା ରେ ସହଯୋଗ କରିଥିଲେ। ମନ୍ଦିର ପୂଜକ ନୀଳାଞ୍ଚଳ ପଣ୍ଡା, ଚିତ ରଞ୍ଜନ ଦାଶ, କୈଳାଶ ଦାଶ, ନୀଳ ଦାଶ, ଉପେନ୍ଦ୍ର ଦାଶ, ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଆସିକା ଚିନିଶିଳ୍ପ ଜଗନ୍ନାଥ ମନ୍ଦିର, ଲାଲାଗୋର୍ଜି, ଖମ୍ବେଶ୍ୱରୀ ପାଟଣା ଜଗନ୍ନାଥ ମନ୍ଦିର ଆଦି ସ୍ଥାନରେ ଅତି ଆଡମ୍ବର ସହ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଭୁବନେଶ୍ୱର, ମଙ୍ଗଳବାର, ୦୯ ଜୁଲାଇ ୨୦୨୪
Bhubaneswar, Tuesday 09, July 2024
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଅଭିଷେକଙ୍କ ବିସ୍ଫୋରକ ଶତକରେ ଭାରତ ବିଜୟୀ

ହରାରେ,୮।୭: ପ୍ରଥମ ପରାସ୍ତ ହୋଇଥିବା ଭାରତ କିନ୍ତୁ ଦ୍ୱିତୀୟ ଟି-୨୦ରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଭାରତ ପ୍ରତିପକ୍ଷ ଜିମ୍ବାୱେ ଦ୍ୱିତୀୟ ମ୍ୟାଚରେ ୧୦୦ ରନ୍‌ରେ ପରାସ୍ତ କରିଛି। ଅଭିଷେ ଶର୍ମାଙ୍କ ବିସ୍ଫୋରକ ଶତକୀୟ ଇଂନିସ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୨ ୱିକେଟ ହରାଇ ୨୩୪ ରନ୍ କରିଥିବାବେଳେ ପଛରେ ବ୍ୟାଟିଂ କରି ଜିମ୍ବାୱେ ୧୩୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ୫ ଟିକିଆ ସିରିଜ ସ୍ଥିତି ୧-୧ରେ ରହିଛି।

୨୩୫ ରନ୍ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ପ୍ରଥମ ୩ ଓଭରରେ ୪୦ ରନ୍ କରିଥିଲା। ମାତ୍ର କ୍ରମାଗତ ୱିକେଟ ହରାଇବା ଯୋଗୁଁ ପରାଜୟ ସ୍ୱୀକାର କରିଥିଲା। ଦଳ ପକ୍ଷରୁ କାଲା (୪), ମାଧିଭେରେ (୪୩), ବେନେଟ (୨୬), ମାୟରସ (୦), ସିକନ୍ଦର ରାଜା (୪), କ୍ୟାମ୍ପବେଲ୍ (୧୦), ମାଡାଣ୍ଡେ (୦), ମାସ୍କାଡାଜା (୧), ଜୋଙ୍ଗୱେ (୩୩), ମୁଜାରାବନି (୨) ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ଓ ଅଭେଶ ଖାଁ ୩ ଲେଖାଏଁ ୱିକେଟ ନେଇଥିବାବେଳେ ରବି ବିଷ୍ଣୋଇ ୨ ଟି ସଫଳତା ପାଇପାରିଥିଲେ।

ଡେବ୍ୟୁ ମ୍ୟାଚ୍‌ରେ ଖାତା ଖୋଲି ପାରି ନଥିଲେ। ହେଲେ ଦ୍ୱିତୀୟ ଟି-୨୦ରେ କମାଲ କରିଛନ୍ତି। ୨୩ ବର୍ଷୀୟ ଅଭିଷେକ ଶର୍ମା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ରେ ସେ ୪୭ ବଲରେ ଖେଳିଛନ୍ତ। ବିସ୍ଫୋରକ ୧୦୦ ରନର ଇନିଂସ ତାଙ୍କ ସହ ତାଳ ଦେଇ ଋତୁରାଜ ଗାଏକ୍ୱାଡ ଓ ରିଙ୍କୁ ସିଂହ ମଧ୍ୟ ନିଜର ବିସ୍ଫୋରକ ରୂପ ଦେଖାଇଛନ୍ତି। ଗାଏକ୍ୱାଡ ୭୭ ଓ ରିଙ୍କୁ ଅପରାଜିତ ୪୮ ରନର ଇନିଂସ ଖେଳିଛନ୍ତି। ଫଳରେ ୨୪ ଘଣ୍ଟା ତଳେ ଜିମ୍ବାୱେ ଠାରୁ ଅପ୍ରତ୍ୟାଶିତ ଢଙ୍ଗରେ ହାରି ଯାଇଥିବା ଭାରତ ଆଜିର ମ୍ୟାଚ୍‌ରେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୨୩୪ ରନ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଆରମ୍ଭରୁ ଅଧିନାୟକ ଶୁବମନ ଗିଲଙ୍କୁ ହରାଇଥିଲା। ସେ ମାତ୍ର ୨ ରନ କରି ଇନିଂସର ଦ୍ୱିତୀୟ ଓଭରରେ ଆଉଟ ହୋଇଯାଇଥିଲେ।



ହେଲେ ନିଜ ଟି-୨୦ କ୍ୟାରିୟରର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଅଭିଷେକ ଆଜି ଅଲଗା ମୁଡରେ ଥିଲେ। ସେ ଗାଏକ୍ୱାଡଙ୍କୁ ସାଥୀ କରି ବଡ଼ବଡ଼ ଶଟ ଖେଳିବାରେ ଲାଗିଥିଲେ। ଗତକାଲି ଡେବ୍ୟୁ ମ୍ୟାଚରେ ଅଭିଷେକ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ। ହେଲେ ଆଜି ସେ ବଡ଼ବଡ଼ ଶଟ ଖେଳି ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଗାଏକ୍ୱାଡଙ୍କ ସହ ମିଶି ଦ୍ରୁତଗତିରେ ଦଳୀୟ ସ୍କୋରକୁ ମଧ୍ୟ ଆଗକୁ ନେଇଥିଲେ। ଏଥିସହ ଫାଇନ ଲେଗ ଅଞ୍ଚଳରେ ଛକା ମାରି ନିଜ ଟି-୨୦ କ୍ୟାରିୟରର ପ୍ରଥମ ଶତକ ୪୬ ବଲରେ ହାସଲ କରିଥିଲେ। ତେବେ ପରବର୍ତ୍ତୀ ବଲରେ ଲେଙ୍ଗିଟନ ମାସାକାଜା ତାଙ୍କୁ ଆଉଟ କରି ଦେଇଥିଲେ। ଅଭିଷେକ ତାଙ୍କର ବିସ୍ଫୋରକ ଇନିଂସରେ ୮ଟି ଛକା ଓ ୭ଟି ଚୌକା ମାରିଛନ୍ତି।

ଅଭିଷେକ ଆଉଟ ହେବା ପୂର୍ବରୁ ଗାଏକ୍ୱାଡଙ୍କ ସହ ମିଶି ଦ୍ୱିତୀୟ ୱିକେଟ ପାଇଁ ୧୩୭ ରନ ଯୋଡ଼ିଥିଲେ। ସେ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୪୭ ରନ ହୋଇଥିଲା। ଏହାପରେ ସେ ଆହୁରି ବିସ୍ଫୋରକ ରୂପ ଧାରଣ କରିଥିଲେ। ଜିମ୍ବାୱେର କୌଣସି ବୋଲର ତାଙ୍କୁ ଆଉଟ କରିବାକୁ ସକ୍ଷମ ହୋଇ ନଥିଲେ ରିଙ୍କୁ ସିଂହ ମଧ୍ୟ ପଛରେ ପଡ଼ି ନଥିଲେ ସେ ମଧ୍ୟ ସୁଯୋଗ ଦେଖି ବଡ଼ବଡ଼ ଶଟ ଖେଳି ଚାଲିଥିଲେ ଏଥିସହ ୧୯ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୨୧୩ ରନରେ ପହଞ୍ଚାଇ ଦେଇଥିଲେ। ଶେଷ ଓଭର ନେଇ ଆସିଥିଲେ। ଲୁକେ ଜୋଙ୍ଗ୍‌ୱେ ତାଙ୍କର ପ୍ରଥମ ବଲରେ ଗାଏକ୍ୱାଡ ଚୌକା ମାରିଥିଲେ। ପରବର୍ତ୍ତୀ ବଲରେ ସେ ୧ରନ ନେଇଥିଲେ। ବାକି ୪ଟି ବଲରୁ ରିଙ୍କୁ ସିଂହ ଦୁଇଟି ଛକା ଓ ଗୋଟିଏ ଚୌକା ମାରି ଦଳୀୟ ସ୍କୋରକୁ ୨୩୪ ରନରେ ପହଞ୍ଚାଇ ଦେଇଥିଲେ। ରିଙ୍କୁ ସିଂହ ୨୨ ବଲରେ ୫ଟି ଛକା ଓ ୨ଟି ଚୌକା ବଳରେ ୪୮ ଓ ଗାଏକ୍ୱାଡ ୪୭ ବଲରେ ଗୋଟିଏ ଛକା ଓ ୧୧ଟି ଚୌକା ବଳରେ ଅପରାଜିତ ୭୭ ରନ କରିଛନ୍ତି।

# କ୍ରିକେଟ ପାଇଁ ୧୨୮୦ କୋଟି ଟଙ୍କା ଖର୍ଚ୍ଚ କରିବ ପାକିସ୍ତାନ

ନୂଆଦିଲ୍ଲୀ,୮।୭: ଆସନ୍ତା ବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ଅୟୋଜନ କରିବାକୁ ପାକିସ୍ତାନ ପ୍ରସ୍ତୁତ ହେଉଛି। ବହୁତ ଦିନ ପରେ ପାକିସ୍ତାନ ଏକ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରିବ, ଯେଉଁଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆସନ୍ତା ବର୍ଷ ଫେବୃଆରୀ ଏବଂ ମାର୍ଚ୍ଚରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ୧୨୮୦ କୋଟି ପାକିସ୍ତାନୀ ଟଙ୍କା ଖର୍ଚ୍ଚ କରିବାକୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଘୋଷଣା କରିଛି। ଏହି ରାଶି ଭାରତୀୟ ମୁଦ୍ରାରେ ପ୍ରାୟ ୩୮୩ କୋଟି ଟଙ୍କା ସହିତ ସମାନ ଏବଂ ଏହାର ଭିତ୍ତିଭୂମିରେ ଉନ୍ନତି ପାଇଁ ବ୍ୟବହୃତ ହେବ ଏହି ୧୨୮୦ କୋଟି ଟଙ୍କା ମଧ୍ୟରୁ ଅଧିକାଂଶ ଅର୍ଥ ଗଦାଫି ଷ୍ଟାଡିୟମ, ନ୍ୟାସନାଲ ଷ୍ଟାଡିୟମ ଏବଂ ରାଲପିଣ୍ଡି ଷ୍ଟାଡିୟମରେ ଖର୍ଚ୍ଚ ହେବ।

କୁହାଯାଉଛି ଯେ ପିସିବି( ପାକିସ୍ତାନ କ୍ରିକେଟ ବୋର୍ଡ) ଲାହୋରର ଗଦାଫି ଷ୍ଟାଡିୟମ ନିକଟରେ ୩୧୫୮୧ ବର୍ଗଫୁଟ ଜମି ଆବଣ୍ଟନ କରିଛି। ଯେଉଁଥିରେ ଏକ ବିଳାସପୂର୍ଣ୍ଣ ହୋଟେଲ ନିର୍ମାଣ ହେବ। ଯଦିଓ ପୂର୍ବରୁ ଏହି ହୋଟେଲ ନ୍ୟାସନାଲ କ୍ରିକେଟ୍ ଏକାଡେମୀ ନିକଟରେ ନିର୍ମାଣ କରାଯିବାକୁ ଯୋଜନା କରାଯାଇଥିଲା, କିନ୍ତୁ ପ୍ଲଟ୍ କିଣିବା ପରେ ଏହା ବର୍ତ୍ତମାନ ଲାହୋରରେ ନିର୍ମାଣ ହେବ ସେହିପରି ଗଦାଫି ଷ୍ଟାଡିୟମରେ ମଧ୍ୟ କାମ ଆରମ୍ଭ ହୋଇଛି। ପ୍ରବେଶ କ୍ଷେତ୍ରକୁ ଭାଙ୍ଗି ଦିଆଯାଇଛି ଏବଂ ଏହାକୁ ପୁନଃନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି। ଏହା ବ୍ୟତୀତ ପିସିବି ପୃଥକ ଭାବରେ ୪୫୦ କୋଟି ପାକିସ୍ତାନୀ ଟଙ୍କା ଆବଣ୍ଟନ କରିଛି, ଯାହା ୧୨ଟି ଅନ୍ୟ ପଡ଼ିଆର ଉନ୍ନତି ପାଇଁ ବ୍ୟବହୃତ ହେବ। ସେହିପରି ମହିଳା କ୍ରିକେଟର ବଜେଟକୁ ୭୦ ଲକ୍ଷରୁ ୨ କୋଟି ୪୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସେହିଭଳି ବୈଠକରେ ମହିଳା କ୍ରିକେଟରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ମଧ୍ୟ ସବୁଜ ସଙ୍କେତ ଦିଆଯାଇଛି।

# ୮ ବର୍ଷରୁ କମ୍ ବିଶ୍ୱକପ୍ ଚେସ୍ : ସାତ୍ତ୍ୱିକଙ୍କୁ କାଂସ୍ୟ

ଭୁବନେଶ୍ୱର,୮।୭: ଓଡ଼ିଶାର ବିସ୍ମୟ ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଫିଡେ ୮ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଛନ୍ତି। ଜର୍ଜିଆର ବାତୁମିଠାରେ ଶେଷ ହୋଇଥିବା ଚୂଡ଼ାନ୍ତ ରାଉଣ୍ଡରେ ସାତ୍ତ୍ୱିକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଜାରବେଜାନ୍‌ର ଆଜାଦ୍ ଖୁଦୁଜାଦେଙ୍କ ବିପକ୍ଷରେ ୧.୫-୦.୫ରେ ଅଗ୍ରଣୀ ପାଇବା ସହ କାଂସ୍ୟ ପଦକ ହାସଲ କରିଥିଲେ।



ଫାଇନାଲ୍ ରାଉଣ୍ଡର ପ୍ରଥମ ମ୍ୟାଚ୍‌ରେ କଳାଗୋଟି ନେଇ ସୋମବାର ସାତ୍ତ୍ୱିକ ଖେଳିଥିଲା। ବେଳେ ଏହି ମ୍ୟାଚ୍‌କୁ ଜିତିଥିଲେ। ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌କୁ ସେ ଧଳାଗୋଟି ନେଇ ଖେଳିଥିଲେ ତେବେ ୭୪ତମ ଚାଲ୍ ପରେ ସେ ଏହି ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲେ। ଏହି ଇଭେଣ୍ଟରେ କାଜାଖସ୍ତାନର ରିଜତ ଉଲାନ୍ ସମାନ ସଂଖ୍ୟକ ବ୍ୟବଧାନରେ ଆମେରିକାର ଐଦେନ୍ ଲନ୍ୟୁଆନ୍ ଲିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାତ୍ତ୍ୱିକ ଆସନ୍ତା ଗୁରୁବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ତାଙ୍କର ଏହି ସଫଳତା ପାଇଁ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ବିଶ୍ୱଜିତ୍ ରାୟଙ୍କ ସହିତ ସମସ୍ତ ପ୍ରଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ତାଙ୍କ ବ୍ୟତୀତ ରାଜ୍ୟ ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ, ଟ୍ରିପଲ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଂଚି ନାରାୟଣ ସାହୁ, ସହସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ସନ୍ଦୀପ ସାମନ୍ତରାୟ, କଟକ ଜିଲ୍ଲା ଚେସ୍ ସଂଘ ସଭାପତି ବିବେକ ତିବରାଲ, କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘର ସମ୍ପାଦକ ଭବେଶ ମହାନ୍ତି, ଚାମ୍ପିଅନ ଚେସ୍ ସେଣ୍ଟର୍‌ର ପ୍ରଶିକ୍ଷକ ପ୍ରଶାନ୍ତ ଜେନା, ଆଇସିଏଫ୍‌ର ପୂର୍ବତନ ସହସଂପାଦକ ରଞ୍ଜନ ମହାନ୍ତି ଏବଂ ବିଭିନ୍ନ ଜିଲ୍ଲା ଚେସ୍ ସଂଘ ଓ କ୍ଲବ୍ ମଧ୍ୟରୁ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଚାମ୍ପିୟନ୍ସ ଟ୍ରଫି ଓ ଟେଷ୍ଟ ଚାମ୍ପିଅନ୍‌ସିପ୍‌ରେ ନେତୃତ୍ୱ ନେବେ ରୋହିତ

ନୂଆଦିଲ୍ଲୀ,୮।୭: ଆସନ୍ତା ବର୍ଷ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ସମସ୍ତ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଟିମର କମାଣ ରୋହିତ ଶର୍ମା ହିଁ ସମ୍ଭାଳିବେ ବୋଲି ଆଜି ବିସିସିଆଇ ସମ୍ପାଦକ ଜୟ ଶାହ ନିଶ୍ଚିତ କରିଛି। ଏଥିସହ ଟି-୨୦ ବିଶ୍ୱକପ ଭଳି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଟିମ ଚାମ୍ପିୟନ୍ସ ଟ୍ରଫି ଓ ଫାଇନାଲ ଖେଳିବ ଓ ଟ୍ରଫି ଜିତିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ ଭାରତ ରୋହିତଙ୍କ କ୍ୟାପ୍ଟେନ୍ସିରେ ଜିତିଥିଲା। ବିଶ୍ୱକପ ଜିତିବା ପରେ ରୋହିତ ଟି-୨୦ ଅନ୍ତର୍ଜାତୀୟକୁ ଅଲବିଦା କହିଥିଲେ। କିନ୍ତୁ ସେ ଭାରତ ପାଇଁ ଟେଷ୍ଟ ଓ ଦିନିକିଆ ଖେଳିବେ ବୋଲି ସ୍ପଷ୍ଟ କରିଥିଲେ। ସେ କେବଳ ଖେଳିବେ ନାହିଁ। ବରଂ ଭାରତର ନେତୃତ୍ୱ ମଧ୍ୟ ନେବେ



ବୋଲି ଶାହ ସ୍ପଷ୍ଟ କରିଛନ୍ତି। ଗୋଟିଏ ଭିଡିଓ ବାର୍ତ୍ତା ଜାରି କରି ଶାହ କହିଛନ୍ତି, ମୁଁ ନିଶ୍ଚିତ ଯେ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଆମେ ଫାଇନାଲ ଓ ଚାମ୍ପିୟନ୍ସ ଟ୍ରଫି ଜିତିବୁ ଐତିହାସିକ ବିଜୟ ପାଇଁ ମୁଁ ଟିମ ଇଣ୍ଡିଆକୁ ଶୁଭେଚ୍ଛା ଜଣାଉଛି। ଏହି ବିଜୟକୁ ମୁଁ ରୋହିତ ଶର୍ମା, ବିରାଟ କୋହଲି, ମୁଖ୍ୟ କୋଚ ରାହୁଲ ଦ୍ରାବିଡ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉତ୍ସର୍ଗ କରିବାକୁ ଚାହୁଁଛି। ଗଲା ଗୋଟିଏ ବର୍ଷ ମଧ୍ୟରେ ଏହା ଆମର ତୃତୀୟ ଫାଇନାଲ ଆମେ ୨୦୨୩ ଜୁନରେ ଆମେ ଅଷ୍ଟ୍ରେଲିଆ ଠାରୁ ହାରିଥିଲୁ ୨୦୨୩ ନଭେମ୍ବରରେ ଆମେ ୧୦ଟି ବିଜୟ ହାସଲ କରି ଲୋକଙ୍କ ହୃଦୟ ଜିତିଥିଲୁ କିନ୍ତୁ ଆମେ ବିଶ୍‌କପ ଜିତି ପାରି ନଥିଲୁ।

ଚଳିତ ବର୍ଷ ଫେବୃଆରୀ ୧୪ରେ ମୁଁ ରାଜକୋଟରେ କହିଥିଲି ଯେ ୨୦୨୪ ଜୁନ ମାସରେ ଆମେ ଲୋକ ହୃଦୟ ସହ ଟି-୨୦ ବିଶ୍‌କପ ଜିତିବୁ ବାର୍ବଡସରେ ତ୍ରିରଙ୍ଗା ପୋତିବୁ। ଆମ ଅଧିନାୟକ ତାହା କରି ଦେଖାଇଛନ୍ତି। ଫାଇନାଲ ବିଜୟରେ ଶେଷ ୫ ଓଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଥିପାଇଁ ମୁଁ ସୂର୍ଯ୍ୟ କୁମାର ଯାଦବ(ଡାଭିଡ ମିଲରଙ୍କ ଚମତ୍କାର କ୍ୟାଚ ଧରିଥିଲେ), ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ବର୍ତ୍ତମାନ ଆମର ପରବର୍ତ୍ତୀ ଟାର୍ଗେଟ ହେଉଛି ଫାଇନାଲ ଓ ଚାମ୍ପିୟନ୍ସ ଟ୍ରଫି ଜିତିବା।

# ପାକିସ୍ତାନ ଯାଇନପାରେ ଭାରତ

ମୁମ୍ବାଇ:,୮।୭: ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ସମ୍ଭାବ୍ୟ ସୂଚୀ ଓ ସ୍ଥାନ ଘୋଷଣା କରିସାରିଛି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)। ତଦନୁଯାୟୀ ମାର୍ଚ୍ଚ ୧ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ-ପାକିସ୍ତାନ ଲାହୋର ଗଦ୍ଦାଫି ଷ୍ଟାଡିୟମ୍‌ରେ ମୁହାଁମୁହିଁ ହେବେ। ଏହି ଚିଠା ସୂଚୀ ନେଇ କିନ୍ତୁ ବିସିସିଆଇ କେଣସି ମତାମତ ଦେଇନି। ତେବେ ଭାରତୀୟ କ୍ରିକେଟ୍ ଦଳ ଚାମ୍ପିଅନ୍ସ ଟ୍ରଫି ଲାଗି ପାକିସ୍ତାନ ଗସ୍ତ କରିବାର ସମ୍ଭାବନା ପ୍ରାୟତଃ ନାହିଁ। ବିସିସିଆଇ ସୂତ୍ରରୁ ମିଳିଥିବା ଖବର ଅନୁସାରେ




ଭାରତୀୟ କ୍ରିକେଟ୍ ଦଳର ପ୍ରତୀକ୍ଷିତ ପାକିସ୍ତାନ ଗସ୍ତ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ସରକାର ନେବେ ସରକାର ଯାହା ନିଷ୍ପତ୍ତି ନେବେ। ବୋର୍ଡ ମାନିବ ଭାରତ ସରକାର କିନ୍ତୁ ଏହି ଗସ୍ତକୁ ସବୁଜ ସଂକେତ ଦେବାର ଆଶା ନାହିଁ କହିଲେ ଚଳେ। ସେପଟେ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ଆଭାସ ପାଇ ଚଳିତ ମାସରେ ଶ୍ରୀଲଙ୍କାରେ ଅୟୋଜିତ ହେବାକୁ ଥିବା ଆଇସିସି ବୈଠକରେ ଏହି ବିଷୟ ଉଠାଇବାକୁ ପିସିବି ପ୍ରସ୍ତୁତ ହେଉଛି ଏପରିକି ବିସିସିଆଇ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ କରିବା ସହ ୨୦୨୬ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ପାକିସ୍ତାନ କ୍ରିକେଟ୍ ଦଳ ଭାରତ ଗସ୍ତ କରିବ ନାହିଁ ବୋଲି ମଧ୍ୟ ଧମକ ଦେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ଯେ ଆଇସିସିକୁ ପିସିବି ପଠାଇଥିବା ଚିଠା ସୂଚୀ ଅନୁସାରେ ଚାମ୍ପିଅନ୍ସ ଟ୍ରଫିର ୭ଟି ମ୍ୟାଚ୍ ଲାହୋରରେ, ତିନିଟି କରାଚିରେ ଏବଂ ପାଞ୍ଚଟି ରାଲପିଣ୍ଡିରେ ଖେଳାଯିବ। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ କରାଚିରେ ଖେଳାଯିବ। ସେହିଭଳି ପ୍ରଥମ ସେମିଫାଇନାଲ୍ କରାଚି ଓ ଦ୍ୱିତୀୟ ରାଲପିଣ୍ଡିରେ ଅନୁଷ୍ଠିତ ହେବ ଭାରତର ସମସ୍ତ ମ୍ୟାଚ୍ ସୁରକ୍ଷା ଦୃଷ୍ଟିରୁ ଲାହୋରରେ ଖେଳାଯିବ।

# ଧୋନିଙ୍କ ଜନ୍ମଦିନରେ ସଲମାନ ଚକିତ କଲେ

ମୁମ୍ବାଇ,,୮।୭: ରବିବାର ଜୁଲାଇ ୭ ଟିମ ଇଣ୍ଡିଆର ପୂର୍ବତନ କ୍ୟାପଟେନ କୁଲ୍ ମହେନ୍ଦ୍ର ସିଂ ଧୋନିଙ୍କ ୪୩ ତମ ଜନ୍ମଦିନ ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।ଏହି ଭିଡିଓରେ ଜଣେ ବ୍ୟକ୍ତି ଦେଖାଯାଉଛି ଯିଏ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭାରତୀୟ ଦଳର ପୂର୍ବତନ ମହାନ ଅଧିନାୟକ। ଏମଏସ ଧୋନି ସୋସିଆଲ ମିଡିଆରେ ବେଶୀ ସକ୍ରିୟ ନୁହଁନ୍ତି, କିନ୍ତୁ ତାଙ୍କ ପତ୍ନୀ ସାକ୍ଷୀ ଧୋନିଙ୍କ ଅପେକ୍ଷା ଅଧିକ ସକ୍ରିୟ ଧୋନିଙ୍କ ଜନ୍ମଦିନର ସର୍ବଶେଷ ଭିଡିଓ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରଶଂସକଙ୍କ ସହ ସେୟାର କରିଛନ୍ତି। ଏହି ଭିଡିଓରେ ଜଣେ ବଲିଉଡ ସୁପର ଷ୍ଟାର ଅଭିନେତା ନଜର ଆସିଛନ୍ତି ଯାହା ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି ମହାନ କ୍ରିକେଟ୍ କିପର-ବ୍ୟାଟ୍ସମ୍ୟାନ୍ ଧୋନିଙ୍କୁ ଆଜି ୪୩ ବର୍ଷ ବୟସ ହୋଇଛି, ସମସ୍ତେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି।

# ମ୍ୟାମାର ମ୍ୟାଚ୍ ପାଇଁ ଭାରତୀୟ ଦଳରେ କେବଳ ପ୍ୟାରୀ

ଭୁବନେଶ୍ୱର,୮।୭: ଭାରତୀୟ ହକି ଦଳରେ ଯେଉଁଭଳି ଭାବେ ଓଡ଼ିଆ ଖେଳାଳିଙ୍କ ପ୍ରତିନିଧିତ୍ୱ କମିକମି ଯାଉଛି। ଠିକ୍ ସେମିତି ମହିଳା ଫୁଟ୍‌ବଲ୍‌ରେ ମଧ୍ୟ ଅବସ୍ଥା ସଙ୍ଗିନ୍ ହେବାକୁ ବସିଲାଣି। ଦିନେ ଜାତୀୟ ଦଳରେ ଓଡ଼ିଶାରୁ ଅଧଡଜନ ଖେଳାଳି ସ୍ଥାନ ପାଉଥିଲେ। କିନ୍ତୁ ଏବେ ଏହି ସଂଖ୍ୟା ୧ରେ ପହଞ୍ଚିଲାଣି। ଆସନ୍ତା ୯ରୁ ୧୨ ତାରିଖ ମଧ୍ୟରେ ମିଆଁମାର ବିପକ୍ଷ ଦୁଇଟି ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଘୋଷଣା ହୋଇଥିବା ଭାରତୀୟ ମହିଳା ଫୁଟ୍‌ବଲ୍ ଦଳରେ ଓଡ଼ିଶାରୁ କେବଳ ପ୍ୟାରୀ ଖାଖା ହିଁ ସ୍ଥାନ ପାଇଛନ୍ତି।

ଏହି ଚୟନ ପୂର୍ବରୁ କୋଲ୍‌କାତାରେ ହୋଇଥିବା ଅଭ୍ୟାସ ଶିବିରରେ ପ୍ୟାରୀଙ୍କ ସହ ଜୁଲି କିଷାନ ମଧ୍ୟ ଯୋଗ୍ ଦେଇଥିଲେ। ହେଲେ ଚୂଡ଼ାନ୍ତ ୨୩ ଜଣିଆ ଦଳରେ ପ୍ୟାରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ରହିଯାଇଛନ୍ତି। ଜୁଲିଙ୍କ ବିବାହ ଥିବାରୁ ସେ ଛୁଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ମନୀଷା ପାନ୍ନା ମଧ୍ୟ ନିୟମିତ ଜାତୀୟ ଦଳରେ ଖେଳିଆସୁଥିଲେ, କିନ୍ତୁ ସେ ଆହତ ଥିବାରୁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଅନିଶ୍ଚିତତା ଭିତରେ ଅଛି। କ୍ରୀଡ଼ାର ରାଜଧାନୀରେ ଭାରତୀୟ ଫୁଟ୍‌ବଲ୍ ଦଳକୁ ଅଭ୍ୟାସ




ପାଇଁ ଭିତ୍ତିଭୂମି ଯୋଗାଇ ଦିଆଯାଉଛି ଆନ୍ତର୍ଜାତିକ ମ୍ୟାଚ୍ ମଧ୍ୟ ଏଠାରେ ନିୟମିତ କରାଯାଉଛି। କିନ୍ତୁ ରାଜ୍ୟ ଫୁଟ୍‌ବଲ୍‌ର ଯେଉଁଭଳି ଭାବେ ଉନ୍ନତି ଆସିବା କଥା, ବାସ୍ତବରେ ତାହାର ଓଲଟା ସ୍ଥିତି ହୋଇଯାଇଛି। କେବଳ ଅନ୍ତଃଜିଲ୍ଲା, ଅନ୍ତଃକ୍ଲବ୍, ଅନ୍ତଃବିଦ୍ୟାଳୟ ଭଳି ମ୍ୟାଚ୍ ଆୟୋଜନରେ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗ ସୀମିତ ରହୁଛନ୍ତି କିନ୍ତୁ ତୃଣମୂଳସ୍ତରରୁ ଯେଉଁଭଳି ଗୁଣାତ୍ମକ ପ୍ରଶିକ୍ଷଣ ଦିଆଯିବା କଥା ତାହା ସମ୍ଭବ ହୋଇପାରୁନି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଛାତ୍ରାବାସରୁ ମଧ୍ୟ ଖେଳାଳି ବାହାରିବା କମିଯାଇଛି।ଗତ କିଛି ବର୍ଷ ଭିତରେ ମନୀଷା ନାୟକ, ମଂଜୁ ଗଂଜୁ, ସସ୍ମିତା ତନ୍ତି ଓ ସରିତା ଷଡ଼ଙ୍ଗୀ କନିଷ୍ଠ ଭାରତୀୟ ଦଳରେ ଖେଳିଛନ୍ତି।କିନ୍ତୁ ଜାତୀୟ ବରିଷ୍ଠ ଦଳେ ଖେଳିପାରି ନାହାନ୍ତି। ଚଳିତ ବର୍ଷ ରୂପଶ୍ରୀ ମୁଣ୍ଡା ଏକମାତ୍ର ସକ୍ରିୟ କ୍ରୀଡ଼ା ଛାତ୍ରାବାସ ଖେଳାଳି ଭାବେ ସାଫ୍ ଗେମ୍ ଖେଳିବା ପାଇଁ ୧୭ ବର୍ଷରୁ କମ୍ ଭାରତୀୟ ଦଳ ସହ ନେପାଳ ଯାଇଥିଲେ। କିନ୍ତୁ ଓଡ଼ିଶାରୁ ଆଉ କାହିଁକି ଜାତୀୟ ଦଳରେ ଖେଳିବା ଭଳି ଦକ୍ଷ ଖେଳାଳି ବାହାରି ପାରୁନାହାନ୍ତି, ତାହାର ତର୍ଜମା କରିବା ଆବଶ୍ୟକତା ରହିଛି।

ଭାରତୀୟ ଦଳ: ଗୋଲି-ଶ୍ରେୟା ହୁଦା, ପ୍ୟାନ୍ତୋଇ ଚାନୁ, ଏମ୍ ଲିନ୍ଥୋଇଙ୍ଗାମ୍ବି ଦେବୀ, ଡିଫେଣ୍ଡର-ଆଶାଲତା ଦେବୀ, ହେମମ ସିଲ୍‌କି ଦେବୀ, ସଂଜୁ, ଡବ୍‌ଲ୍ୟୁ ଲିନ୍ଥୋଇଙ୍ଗାମ୍ବି ଦେବୀ, ଅରୁଣା ବାଗ୍, ମିଡ୍‌ଫିଲ୍ଡର-ଏନ୍ ପ୍ରିୟଙ୍କା ଦେବୀ, ସଂଗୀତା ବାସଫୋର୍, କାର୍ତ୍ତିକା ଅଙ୍ଗମୁଥୁ, ନେହା, ଏନ୍ ରତନବାଳା ଦେବୀ, ମେସୁମୀ ମୁର୍ମୁ, ଫରାର୍ଡ-କାଜଲ ହ୍ୟୁବର୍ଟ ଡ଼ିସେଜା, ଅଂଜୁ ତମଙ୍ଗ, ସେମ୍ୟା ଗୋଗୁଲୋଥ, ସାନ୍ଧିୟା ରଙ୍ଗନାଥନ୍, କରିସ୍ମା ପୁରୁଷୋତ୍ତମ ସିଭୋଲକର, ଲିଣ୍ଡା କମ୍ ସେର୍ଟୋ, ପ୍ୟାରୀ ଖାଖା, ଜ୍ୟୋତି, ରିମ୍ପା ହାଲଦାର।

# ସ୍ୱିତେକ, ଜାବିଉର୍ ବିଦା

ଲଣ୍ଡନ,୮।୭(ଏଜେନ୍ସି): ଶୀର୍ଷ ମାନ୍ୟତାପ୍ରାପ୍ତ ମହିଳା ଟେନିସ୍ ଖେଳାଳି ଇଗା ସ୍ୱିତେକଙ୍କ ସହ ୧୦ ନମ୍ବର ଓନ୍ସ ଜାବିଉରଙ୍କ ୱିମ୍ବଲଡନ୍ ଅଭିଯାନ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶେଷ ହୋଇଛି।

ଶନିବାର ତୃତୀୟ ରାଉଣ୍ଡ ମୁକାବିଲାରେ ୫ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ପୋଲାଣ୍ଡର ସ୍ୱିତେକ ୬-୩, ୧-୬, ୨-୬ ସେଟ୍‌ରେ କାଜାଖସ୍ତାନର ୟୁଲିଆ। ପୁଟିନସେଭାଙ୍କୁଠୁ ଏବଂ ଲାଟଭିଆର ଜାବିଉର୍ ୧-୬, ୬-୭ ସେଟ୍‌ରେ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କଠୁ ହାରି ଯାଇଛନ୍ତି। ଏଥିସହ ସ୍ୱିତେକଙ୍କ ଏଠାରେ ପ୍ରଥମ ଟ୍ରଫି ଜିତିବା ସ୍ୱପ୍ନ ପୁଣି ଘୁଞ୍ଚିଛି। ତେବେ ୨୦୧୭ ଫ୍ରେଞ୍ଚ ଓପନ ବିଜୟିନୀ



ଜେଲିନା ଓଷ୍ଟାପେଙ୍କୋ, ଚେକ୍‌ଗଣରାଜ୍ୟର ବାର୍ବରା କ୍ରେସିକୋଭା, ଚୀନ୍‌ର ୱାଙ୍ଗ ଜିନ୍‌ୟୁ ପ୍ରିକ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରି ନେଇଛନ୍ତି ୨୦୨୧ ଫ୍ରେଞ୍ଚ ଓପନ୍ ବିଜୟିନୀ କ୍ରେସିକୋଭା ୬-୦, ୪-୩ (ରିଟାର୍ଡ ହର୍ଟ) ସ୍ପେନ୍‌ର ଜେସିକା ବେଜାସା ମାନେଇରୋଙ୍କୁ, ତ୍ରୟୋଦଶ ମାନ୍ୟତାପ୍ରାପ୍ତ ଲାଟ୍‌ଭିଆର ଓଷ୍ଟାପେଙ୍କୋ ୬-୧, ୬-୩ ସେଟ୍‌ରେ ଆମେରିକାର ବର୍ଣ୍ଣାର୍ଡା ପେରାଙ୍କୁ ଏବଂ ୱାଙ୍ଗ୍ ୨-୬, ୭-୫, ୬-୩ ସେଟ୍‌ରେ ସ୍ଥାନୀୟ ଖେଳାଳି ହାରିଏଟ୍ ଡାର୍ଟଙ୍କୁ ମାତ୍ ଦେଇଥିଲେ। ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏକ ନମ୍ବର ଜାନ୍ନିକ ସିନ୍ନର ପହଞ୍ଚିଛନ୍ତି ଅଷ୍ଟ୍ରେଲିଆ ଓପନ୍ ବିଜେତା ଇଟାଲିର ସିନ୍ନର ୬-୧, ୬-୪, ୬-୨ ସେଟ୍‌ରେ ସର୍ବିୟାର ମିଓମିର କେସମାନୋଭିକ୍‌ଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ଆମେରିକାର ବେନ୍ ସେଲଟନ୍‌ଙ୍କୁ ଭେଟିବେ ସେଲଟନ୍ ୬-୭, ୬-୨, ୬-୪, ୪-୬, ୬-୨ ସେଟ୍‌ରେ କାନାଡାର ଡେନିସ ସାପୋଭାଲୋଭଙ୍କୁ ହରାଇଥିଲେ। ଚତୁର୍ଥ ମାନ୍ୟତାପ୍ରାପ୍ତ ଆଲେକ୍‌ଜାଣ୍ଡର ଭେରେଭ ଏବଂ ସ୍ପେନ୍‌ର ରବୋର୍ଟ ବେତିସା ଅଗଟ ମଧ୍ୟ ତୃତୀୟ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଜର୍ମାନିର ଭେରେଭ ୬-୪, ୬-୪, ୭-୬ ସେଟ୍‌ରେ ସ୍ଥାନୀୟ ତାରକା କାମେରନ୍ ନୋରିଙ୍କୁ ଏବଂ ଅଗଟ୍ ୭-୬, ୩-୬, ୫-୭, ୭-୬, ୬-୪ ସେଟ୍‌ରେ ଇଟାଲିର ଫାବିଓ ଫୋଗନିନିଙ୍କୁ ମାତ୍ ଦେଇଛନ୍ତି।

# ଦ୍ରାବିଡଙ୍କ ପାଇଁ ଭାରତ ରତ୍ନ ଦାବି କଲେ ଗାଭାସ୍କର

ନୂଆଦିଲ୍ଲୀ,୮।୭: କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ରାହୁଲ ଦ୍ରାବିଡଙ୍କ ପାଇଁ ଦାବି କରିଛନ୍ତି ଭାରତୀୟ ଟିମର ମୁଖ୍ୟ କୋଚ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଭାରତର ଟି-୨୦ ବିଶ୍‌କପ ଜିତିବା ସହ ଶେଷ ହୋଇଛି। ଦ୍ରାବିଡଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଟିମ ଅନେକ ସଫଳତା ପାଇଛି ଦଳ ଫାଇନାଲ ଠାରୁ ଆରମ୍ଭ କରି ଦିନିକିଆ। ବିଶ୍‌କପ ଫାଇନାଲ ତାଙ୍କ କୋଚିଂ ସମୟରେ ଖେଳିଥିଲା ସେହିପରି ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍‌କପ ଫାଇନାଲରେ ଦଳ ଚାମ୍ପିୟନ ହୋଇଛି।

ଏହାବାଦ ଭାରତ ଏସିଆ। କପରେ ମଧ୍ୟ ଚାମ୍ପିୟନ ହୋଇଥିଲା ଭାରତୀୟ ଟିମର ମୁଖ୍ୟ କୋଚ୍ ହେବା ପୂର୍ବରୁ ଭାରତର କ୍ରିକେଟ ପ୍ରତି ତାଙ୍କର ଅନେକ ଅବଦାନ ରହିଥିଲା ସେ ଏନସିଏର ମୁଖ୍ୟ ରହିଥିଲେ



୨୦୧୮ରେ ତାଙ୍କ କୋଚିଂରେ ଭାରତ ଅଣ୍ଡର ୧୯ ବିଶ୍‌କପ ଜିତିଥିଲା।ଭାରତୀୟ ଟିମ ପାଇଁ ସେ ଖେଳିବା ସମୟରେ ୨୪,୧୭୭ ରନ ମଧ୍ୟ କରିଛନ୍ତି ଉଭୟ ଅନଫିଲ୍ଡ ଓ ଅଫ ଫିଲ୍ଡରେ ସେ ଭାରତୀୟ କ୍ରିକେଟକୁ ଅନେକ କିଛି ଦେଇଛନ୍ତି ତେଣୁ ଭାରତ ସରକାର ତାଙ୍କୁ ଭାରତ ରତ୍ନ ସମ୍ମାନ କରିବା ଦରକାର ବୋଲି ଗାଭାସ୍କର ମତ ରଖିଛନ୍ତି। ଗାଭାସ୍କରଙ୍କ କହିବା କଥା ରାହୁଲ ଦ୍ରାବିଡଙ୍କ ନେତୃରେ ଭାରତୀୟ ଟିମ ପ୍ରଥମଥର ୱେଷ୍ଟଇଣ୍ଡିଜରେ ସିରିଜ ଜିତିଥିଲା ଇଂଲଣ୍ଡରେ ୩ ଜଣ କ୍ୟାପ୍ଟେନ ଭାରତ ପାଇଁ ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତିଛନ୍ତି ସେମାନଙ୍କ ମଧ୍ୟ ଦ୍ରାବିଡ ରହିଛନ୍ତି ସେ ଅନେକ ଯୁବ ଖେଳାଳିଙ୍କୁ ଏନସିଏ ମୁଖ୍ୟ ଥିବା ବେଳେ ନିଜ ହାତରେ ଗଢ଼ିଛନ୍ତି।କୋଚ ଭାବେ ସେ ନିଜର ଦକ୍ଷତା ଦେଖାଇଛନ୍ତି।

ଚଳିତ ବର୍ଷ ସମାଜ ପ୍ରତି ନିଜର ଉଲ୍ଲେଖନୀୟ ଅବଦାନ ପାଇଁ କିଛି ନେତାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା ସେମାନଙ୍କର ପ୍ରଭାବ କେବଳ ଦଳରେ କିମ୍ବା ସେମାନେ ଆସିଥିବା ଦଳ ମଧ୍ୟରେ ସୀମିତ ଥିବା ବିନା ସଙ୍କୋଚରେ କୁହାଯାଇ ପାରିବ।ହେଲେ ଦ୍ରାବିଡଙ୍କ ଅବଦାନ ସମସ୍ତ ଦଳ, ଜାତି, ଧର୍ମ ଓ ସଂପ୍ରଦାୟକୁ ଖୁସି ଦେଇଛି ପୂରା ଦେଶକୁ ସେ ଖୁସି ଦେଇଛନ୍ତି ତେଣୁ ଦ୍ରାବିଡଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମିଳିବା ଦରକାର ବୋଲି ଗାଭାସ୍କର କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ